# ଗୃହରେ ଦିବଂଗତ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି

## ଦିନକ ପାଇଁ ବିଧାନସଭା ମୁଲତବୀ



**ଭୁବନେଶ୍ୱର,୫ ।୨(ସମିସ):** ସୋମବାରଠାରୁ ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଆରମ୍ଭ ହୋଇଛି । ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହର ଦିବଂଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଏମ୍ ଏମ୍ ରାଜେନ୍ଦ୍ରନ, ପୂର୍ବତନ ସଦସ୍ୟ ସ୍ୱର୍ଗତ ରସାନନ୍ଦ ସାହୁ, ସ୍ୱର୍ଗତ ସନ୍ତୋଷ କୁମାର ପ୍ରଧାନ, ସ୍ୱର୍ଗତ ରମେଶ ଜେନା, ସ୍ୱର୍ଗତ ନୃସିଂହାନନ୍ଦ ବ୍ରହ୍ମା, ସ୍ୱର୍ଗତ ସୁଶ୍ରୀ ଦେବୀ ଏବଂ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବା ସହ ସେମାନଙ୍କ ସ୍ମୃତିଚାରଣ କରି ସେମାନଙ୍କ ଆତ୍ମାର ସଦଗତି କାମନା କରିଥିଲେ । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଶୋକ ପ୍ରସ୍ତାବରେ ଅଂଶଗ୍ରହଣ କରି ଶୋକ ସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ । ପରେ ବାଚସ୍ପତି ଶ୍ରୀମତୀ ମଲ୍ଲିକ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ । ଏହି ଅବସରରେ ଗୃହରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ବାଚସ୍ପତି ମଙ୍ଗଳବାର ସାଢ଼େ ୧୦ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

## ବିଜେଡି ବିଧାୟକ ଦଳ ବୈଠକ

# ଗଠନମୂଳକ ଆଲୋଚନା ପାଇଁ ସରକାର ପ୍ରସ୍ତୁତ

- ବିକାଶମୂଳକ କାର୍ଯ୍ୟକ୍ରମକୁ ଗୃହରେ ଉତ୍ଥାପନ କରିବ ବିଜେଡି
- ଗୃହରେ ଉପସ୍ଥିତ ରହିବାକୁ ଦଳୀୟ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୫ ।୨(ସମିସ):** ଚଳିତ ଅଧିବେଶନଟି ସଂକ୍ଷିପ୍ତ ଏବଂ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସମସ୍ତେ ଗୃହକାର୍ଯ୍ୟରେ ସକ୍ରିୟତାର ସହ ଅଂଶଗ୍ରହଣ କର । ବିରୋଧୀଙ୍କ ସମସ୍ତ ଅଭିଯୋଗର ସମୁଚିତ ଜବାବ୍ ଦେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ





ଯୋଜନାକୁ ଗୃହରେ ଉତ୍ଥାପନ କର । ବିଜେଡି ବିଧାୟକ ଦଳ ବୈଠକରେ ଦଳୀୟ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରୋକ୍ତ ପରାମର୍ଶ ଦେଇଛନ୍ତି । ଅପରପକ୍ଷେ ଚଳିତ ଅଧିବେଶନରେ ଗଠନମୂଳକ ଆଲୋଚନା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛନ୍ତି ବୋଲି ବୈଠକରେ ଆଲୋଚନା ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି । ବିଜେଡି ସୁପ୍ରିମୋଙ୍କ ଅଧକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଦଳୀୟ ବିଧାୟକମାନଙ୍କୁ ସକ୍ରିୟତାର ସହ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ନିକଟ ଅତୀତରେ ରାଜ୍ୟ ସରକାର ବହୁ ବିକାଶମୂଳକ ପ୍ରକଳ୍ପକୁ ଲୋକାର୍ପଣ କରିବା ସହ ରାଜ୍ୟବ୍ୟାପୀ ରୂପାନ୍ତରଣ ପର୍ବ ଜାରି ରଖିଛନ୍ତି । ବିଶେଷକରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସମ୍ବଲପୁରର ସମଲେଇ ପ୍ରକଳ୍ପ, ଲକ୍ଷ୍ମୀ ଯୋଜନାରେ ବସ୍ ସେବାର ଆରମ୍ଭ ସହ ରାଜ୍ୟବ୍ୟାପୀ ରୂପାନ୍ତରଣ ପର୍ବ ଜାରିରହିଛି । ସେହିପରି ଓଡ଼ିଆ ଭାଷାର ଅଧିକ ପ୍ରଚାର, ପ୍ରସାର, ସମୃଦ୍ଧତା ପାଇଁ ରାଜ୍ୟ ସରକାର ୩ ଦିନିଆ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ମଧ୍ୟ କରିଛନ୍ତି । ଏ ସମସ୍ତ ପ୍ରସଙ୍ଗକୁ ଗୃହରେ ଉତ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ବିଧାୟକମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି ।

# ସରକାରଙ୍କୁ ଘେରିବାକୁ ବିଜେପିର ରଣନୀତି

**ଭୁବନେଶ୍ୱର, ୫ ।୨(ସମିସ):** ସୋମବାର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଦଳୀୟ ବିଧାୟକମାନେ ଉପସ୍ଥିତ ରହିବା ସହ ଚଳିତ ଅଧିବେଶନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ବିଧାନସଭାରେ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି ଯେ ଗୃହରେ ଦଳ ପକ୍ଷରୁ ଆଇନଶୃଙ୍ଖଳା, ଧାନମଣ୍ଡି, ଶିକ୍ଷକନିଯୁକ୍ତି ପ୍ରସଙ୍ଗ ଉତ୍ଥାପନ କରାଯିବ । ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ବିଧାୟକ ନାଉରୀ ନାୟକ, ଶଙ୍କର ଓରାମ, ସୁକାନ୍ତ ନାୟକ, ନବଚରଣ ମାଝୀ, ନିତ୍ୟାନନ୍ଦ ଗଣ୍ଡ, ଡ.ମୁକେଶ ମହାଲିଙ୍ଗ, ସନାତନ ବିଜୁଳି, ଆଦିତ୍ୟ ମାଢ଼ୀ, ଭବାନୀ ଭୋଇ, ସୁରଜ ସୂର୍ଯ୍ୟବଂଶୀ, କୁସୁମ ଟେଟେ, ଡା.ବୁଧନ ମୁର୍ମୁ, ଗଣେଶରାମ ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ଉପସ୍ଥିତ ଥିଲେ ।



# 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ

**ଭୁବନେଶ୍ୱର, ୫।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ଏହାକୁ ଉନ୍ମୋଚନ କରି ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଲେ ଯେ, ୧୯୪୪ ମସିହାରୁ ଏହି ଦୁଇଟି ପତ୍ରିକା ନିରବଚ୍ଛିନ୍ନ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର କରିଆସୁଛି । ଏହି ସ୍ୱତନ୍ତ୍ର ସଂଖ୍ୟା ଆଗାମୀ ପିଢ଼ିଙ୍କୁ ମାତୃଭାଷା ପ୍ରତି ସଚେତନ କରିବା ସହ ଉପାଦେୟ ଓ ସଂଗ୍ରହଣୀୟ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ ।



ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେ ଯେ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ପୁରାତନ ସଂସ୍କରଣର ଡିଜିଟାଇଜେସନ୍ କରାଯାଇଛି । ଏହା ବିଭାଗୀୟ ୱେବ୍‌ସାଇଟ୍‌ରେ ପାଠକମାନଙ୍କ ନିମନ୍ତେ ଉପଲବ୍ଧ ହେଉଛି । ଦେଶବିଦେଶରେ ରହୁଥିବା ଓଡ଼ିଆ ଭାଷାଭାଷୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏଭଳି ବ୍ୟବସ୍ଥା କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଡ. ଲେନିନ୍ ମହାନ୍ତି କହିଥିଲେ ଯେ, ଏହି ପତ୍ରିକା ଦୁଇଟିରେ ଓଡ଼ିଶାର ଭାଷା, ସାହିତ୍ୟ ନେଇ ବହୁ ଦୁଷ୍ପ୍ରାପ୍ୟ ଏବଂ ଉପାଦେୟ ତଥା ପୁରାତନ ଆଲେଖ୍ୟ ସ୍ଥାନ ପାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀ ଓ ଗବେଷକମାନେ ଆଧୁନିକ ଓଡ଼ିଆ ଭାଷା-ସାହିତ୍ୟର କ୍ରମବିକାଶ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦିକା କସ୍ତୁରୀ ମହାପାତ୍ର ଉଭୟ ପତ୍ରିକା ଓଡ଼ିଶା ସରକାରଙ୍କ ମୁଖପତ୍ର ଭାବେ ସ୍ୱାଧୀନତା ପୂର୍ବରୁ ପ୍ରକାଶ ପାଇଆସୁଛି ବୋଲି କହିଛନ୍ତି । ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ସଂଖ୍ୟାରେ ୧୯ଟି ନିବନ୍ଧ ଏବଂ ଓଡ଼ିଶା ରିଭ୍ୟୁରେ ୨୭ଟି ନିବନ୍ଧ ସ୍ଥାନ ପାଇଛି ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିବା ସହ ଓଡ଼ିଆ ୨୦୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ଭାଷା ବୋଲି ପ୍ରକାଶ କରିଥିଲେ । ଆଜିର ଏହି ଭାଷା ସମ୍ମିଳନୀ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରକୃଷ୍ଟ ଅବସର ବୋଲି ସେ ପ୍ରକାଶ କରିଥିଲେ ।

## ଦାୟିତ୍ୱ ନେଲେ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ ସିଏମ୍‌ଡି

**ଭୁବନେଶ୍ୱର, ୫ ।୨(ସମିସ):** ରାଜ୍ୟ ପ୍ରଶାସନରେ ଥିବା ଦୁଇ ବରିଷ୍ଠ ଆଇପିଏସ୍ ଦମ୍ପତିଙ୍କ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି । ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ୍‌ର ସିଏମ୍‌ଡି ଭାବେ ଦାୟିତ୍ୱ ନେଇଛନ୍ତି ଆଇପିଏସ୍ ଅଫିସର ସନ୍ତୋଷ ବାଲା । ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ତାଙ୍କ ସ୍ୱାମୀ ତଥା ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା । ସଞ୍ଜୀବ ପଣ୍ଡା ଟ୍ୱିନ୍‌ସିଟିର ପୁଲିସ କମିଶନର୍ ଭାବରେ ଦାୟିତ୍ୱ ନେଇଛନ୍ତି । ଏହାପରେ ସନ୍ତୋଷ ବାଲାଙ୍କୁ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନର ସିଏମ୍‌ଡି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ୧୯୯୪ ବ୍ୟାଚ୍ ଆଇପିଏସ୍ ଅଫିସର ହେଉଛନ୍ତି ସଞ୍ଜୀବ ପଣ୍ଡା । ସେହିପରି ଡ.ସନ୍ତୋଷ ବାଲା ହେଉଛନ୍ତି ୧୯୯୫ କ୍ୟାଡର ଆଇପିଏସ୍ ଅଫିସର ।

# ଜାରି ରହିଛି ଭୋଟର୍ ତାଲିକାରେ ନାମ ପଞ୍ଜୀକରଣ କାର୍ଯ୍ୟ

**ଭୁବନେଶ୍ୱର, ୫ ।୨(ସମିସ):** ଭୋଟର ତାଲିକାରେ ନାମ ପଞ୍ଜୀକରଣ କାର୍ଯ୍ୟ ଜାରି ରହିଛି । ଭୋଟର ତାଲିକାରେ ନାମ ପଞ୍ଜିକରଣ କାର୍ଯ୍ୟ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏହି କାର୍ଯ୍ୟ ସବୁବେଳେ ଚାଲୁ ରହିଛି । ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ଅନେକଙ୍କର ଧାରଣା ହେଉଥିବ ଯେ, ଆଉ ଭୋଟର ତାଲିକାରେ ନାମ ପଞ୍ଜିକୃତ ହୋଇପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା ବୋଲି ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ ଯେ, ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଗତ ଜାନୁଆରୀ ୫ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୪ ପ୍ରକାଶିତ ହୋଇଥିଲା । ଏହାର ନକଲ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଓ ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି । ଚୂଡ଼ାନ୍ତ ଭୋଟର ତାଲିକା ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ୱେବ୍‌ସାଇଟ୍ ceoodisha.nic.inରେ ଉପଲବ୍ଧ ଅଛି । ସେହିପରି ଚୂଡ଼ାନ୍ତ ଭୋଟର ତାଲିକାରେ ନିଜ ନିଜର ନାମ ତନଖି କରିବାକୁ ରାଜ୍ୟର ସମସ୍ତ ଭୋଟରଙ୍କୁ ନିବେଦନ କରାଯାଉଛି । ଯଦି ଭୋଟର ତାଲିକାରେ କୌଣସି ଭୋଟରଙ୍କ ନାମ ନ ଥିବ, ତା'ହେଲେ ସେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ଫର୍ମ ନଂ-୬ ଓ ସ୍ଥାନାନ୍ତର ପାଇଁ ଫର୍ମ ନଂ-୮ ମାଧ୍ୟମରେ ଆବେଦନ କରିପାରିବେ ।

ଭୋଟରମାନେ ମଧ୍ୟ ଅନ୍‌ଲାଇନ୍‌ରେ voters.eci.gov.inରେ ଲଗ୍‌ଇନ୍ କରି କିମ୍ବା voter help line app ଡାଉନ୍‌ଲୋଡ୍ କରି ଘରେ ବସି ମଧ୍ୟ ଆବେଦନ କରିପାରିବେ । ଏତଦ୍‌ବ୍ୟତୀତ ଭୋଟରମାନେ ମଧ୍ୟ ସମ୍ପୃକ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ସହ ଯୋଗାଯୋଗ କରି ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି ।

# ଖାଇବା ମାଗିବାରୁ ବୃଦ୍ଧା ଶାଶୂଙ୍କୁ କେନାଲକୁ ଫିଙ୍ଗିଦେଲା ବୋହୂ

**ବୁର୍ଲା, ୫।୨(ସମିସ):** ଖାଇବା ମାଗିବାରୁ ସ୍ୱାମୀକୁ କବାଟ କିଳି ଶାଶୂଙ୍କୁ କେନାଲକୁ ଫିଙ୍ଗି ଦେଇଥିବା ପରି ଘଟଣା ସାମ୍ନାକୁ ଆସିଛି । ଘଟଣା ପରେ କେନାଲ ପାଣିରେ ଭାସି ଯାଉଥିବା ବୃଦ୍ଧା ଶାଶୂଙ୍କୁ ଉଦ୍ଧାର କରିଛି ପୁଲିସ । ଏହା ପରେ ଅଭିଯୁକ୍ତ ବୋହୂକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୁର୍ଲା ପୁଲିସ । ସୂଚନା ଅନୁସାରେ, ମାଝୀପାଲିର ଅସ୍ଥାୟୀ କଲୋନୀରେ ପୁଅ ରାଧେଶ୍ୟାମ ଭୁଏ ଓ ବୋହୂ ସବିତା ଭୁଏ ସହ ରହନ୍ତି ବୃଦ୍ଧା ଲୟ ଭୁଏ(୬୮) । ସୋମବାର ବୋହୂକୁ ଶାଶୂ ଖାଇବା ମାଗିବା ସହ ଖାଦ୍ୟ ବାଢିବାକୁ ନେଇ ପାଟିତୁଣ୍ଡ ହୋଇଥିଲା । ଘଟଣା ପରେ ପ୍ରଥମେ ବୋହୂ ଜଣକ ନିଜ ସ୍ୱାମୀଙ୍କୁ ଗୋଟିଏ ଘରେ ବାହାର ପଟୁ କବାଟ କିଳି ଦେଇଥିଲେ । ଏହାପରେ ଏକୁଆଟିଆ ପାଇ ଶାଶୂଙ୍କ ପାଟି ବନ୍ଦ କରି ଘୋଷାଡି ନେଇ ପାୱାର କେନାଲରେ ଫିଙ୍ଗି ଦେଇଥିଲେ । ପାଣିରେ ଲୟ ଭାସିଯାଉଥିବା ବେଳେ ହଠାତ୍ କଲୋନୀ ପାଖ ଲୁହା ପୋଲର ଗୋଟିଏ ଖମ୍ବକୁ ଧରି ଅଟକି ଯାଇଥିଲେ । ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲେ । ସେଠାରେ ବୃଦ୍ଧାଙ୍କର ଚିକିତ୍ସା ଜାରି ରହିଥିବାବେଳେ ତାଙ୍କର ଅବସ୍ଥା ଗୁରୁତର ରହିଛି । ଅନ୍ୟପଟେ ପୁଅ ରାଧେଶ୍ୟାମଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଘଟଣା ଘଟାଇବା ପରେ କଲୋନୀର ଏକ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ବୋହୂକୁ ପୁଲିସ ଗିରଫ କରିଥିଲା ।

# ଅସହ୍ୟ ହେଲା ଗାଁ ନିଶାପ; ବିଷ ପିଇ ଆତ୍ମହତ୍ୟା

**ନୟାଗଡ଼,୫।୨(ସମିସ):** ବାପ-ପୁଅଙ୍କ ମଧ୍ୟରେ ଥିବା ବିବାଦ ସମାଧାନ କରିବାକୁ ଯାଇ ଗାଁ' ନିଶାପରେ ପୁଅକୁ ଦିଆଗଲା ଅର୍ଥଦଣ୍ଡ ସହ ନିଆଁପାଣି ବାସନ୍ଦର ଆଦେଶ । ଏହାକୁ ସହ୍ୟ କରି ନପାରି ପୁଅ ବିଷ ପିଇ ଆତ୍ମହତ୍ୟା କରିବା ଭଳି ଘଟଣା ନୟାଗଡ଼ ସଦର ଥାନା ଅଞ୍ଚଳରେ ଘଟିଯାଇଛି । ସୂଚନା ଅନୁଯାୟୀ, ନୟାଗଡ଼ ସଦରଥାନା ଅନ୍ତର୍ଗତ ଚାହାଳୀ ଗ୍ରାମର ସୁବାସ ଏବଂ ତାଙ୍କ ବାପାଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା । ଘଟଣା ସମ୍ପର୍କରେ ତାଙ୍କ ବାପା ଗାଁ କମିଟିକୁ ଜଣାଇଥିଲେ । ଯାହାକୁ କେନ୍ଦ୍ର କରି ଉକ୍ତ ଗ୍ରାମବାସୀ ତଥା ନୟାଗଡ଼ ଜିଲ୍ଲା ନୂଆଗାଁ ଥାନାରେ କାର୍ଯ୍ୟରତ ପୁଲିସ କନେଷ୍ଟବଳ ସନ୍ତୋଷ କୁମାର ବେହେରାଙ୍କ ଉପସ୍ଥିତିରେ ବୈଠକ କରି ସୁବାସଙ୍କୁ ୫ ହଜାର ଟଙ୍କା ଜରିମାନା କରିବା ସହ ନିଆଁ ପାଣି ବାସନ୍ଦ କରା ଯାଇଥିଲା । ସୁବାସ ଏହାକୁ ସହ୍ୟ କରି ନପାରି, ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରୁଥିବା ବେଳେ ତାଙ୍କ ଝିଅ ଅର୍ଚ୍ଚନା ବେହେରା ଏନେଇ ସଦରଥାନାରେ ଅଭିଯୋଗ କରିଥିଲେ । ସଦରଥାନା ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ । ସନ୍ତୋଷଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଚାହାଳୀ ଗ୍ରାମ ସଭାପତି ରମାକାନ୍ତ ମିଶ୍ର, ମାଗୁଣି ବେହେରା, ବଂଶୀଧର ମିଶ୍ର ଏବଂ ସନ୍ତୋଷ ରହିଥିଲେ । ପୁଲିସ କନେଷ୍ଟବଳ ସନ୍ତୋଷଙ୍କୁ ନିଲମ୍ବନ ମଧ୍ୟ କରାଯାଇଥିଲା ।

# ନିଶା କବଳିତ ପିଲାଙ୍କୁ ସାହା ହେବ 'ଦିଶା'




- ନିଶା ନିବାରଣ କେନ୍ଦ୍ରରେ ପିଲାଙ୍କ ପାଇଁ ଆରମ୍ଭ ହେବ ଚିକିତ୍ସା
- ୫ ସହରରେ ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ପାଇଁ ଏମ୍‌ଓୟୁ

**ଭୁବନେଶ୍ୱର, ୫।୨(ସମିସ):** ଏଣିକି ନିଶା କବଳରେ ପଡ଼ିଥିବା ପିଲାଙ୍କ ପାଇଁ ଉପଲବ୍ଧ ହେବ ଚିକିତ୍ସା ବ୍ୟବସ୍ଥା । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ ଘରୋଇ ନିଶା ନିବାରଣ କେନ୍ଦ୍ରରେ ପିଲାମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ । ସେମାନେ କିପରି ନିଶା ସେବନ ଠାରୁ ସମ୍ପୂର୍ଣ୍ଣ ଦୂରେଇଯିବା ସହିତ ନୂଆ ଜୀବନ ଆରମ୍ଭ କରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ । ଖୋର୍ଦ୍ଧା, ଭୁବନେଶ୍ୱର, ବ୍ରହ୍ମପୁର, କଟକ ଓ ରାଉରକେଲାରେ ନୂଆ କରି ଆରମ୍ଭ ହୋଇଥିବା ସରକାରୀ ଅନୁଦାନପ୍ରାପ୍ତ ନିଶା ନିବାରଣ କେନ୍ଦ୍ରରେ ବୟସ୍କଙ୍କ ସହିତ ପିଲାଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବ । ଦିଶା ଯୋଜନା ଅଧୀନରେ ପିଲାମାନଙ୍କୁ ନିଶା କବଳରୁ ଉଦ୍ଧାର କରାଯିବ । ଦିଶା କାର୍ଯ୍ୟକ୍ରମର ପରିଚାଳନା ପାଇଁ ସୋମବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଘରୋଇ ସଂସ୍ଥାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ରାଜ୍ୟରେ ପିଲାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ନିଶା ସେବନ ସଂଖ୍ୟା ଚିନ୍ତାର କାରଣ ପାଲଟିଛି । ରାଜ୍ୟରେ ପିଲାମାନଙ୍କ ପାଇଁ ନିଶା ନିବାରଣ କେନ୍ଦ୍ରର ଅଭାବ ଏ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି । ୧୮ ବର୍ଷରୁ ଅଧିକ ନିଶାଡ଼ିଙ୍କ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୪୪ଟି ସରକାରୀ ନିଶା ନିବାରଣ କେନ୍ଦ୍ର ରହିଛି । କିନ୍ତୁ ନିଶା କବଳିତ ନାବାଳକ, ନାବାଳିକାଙ୍କ ପାଇଁ ନିଶା ନିବାରଣ ବ୍ୟବସ୍ଥାର ଅଭାବ ପ୍ରମୁଖ ଆହ୍ୱାନ ସୃଷ୍ଟି କରୁଛି । ସାଧାରଣ ପରିବାରର ପିଲାଙ୍କ ଠାରୁ ଆରମ୍ଭ କରି ରାସ୍ତାରେ ଜରି ଗୋଟାଉ ଥିବା ପିଲାମାନେ ଡେଣ୍ଡ୍ରାଇଡ୍, ଗଞ୍ଜେଇ, ମଦ, ବ୍ରାଉନ୍‌ସୁଗର ସହିତ ବେଶ୍ ଅଭ୍ୟସ୍ତ । ବିଶେଷକରି ଅବହେଳିତ ବର୍ଗର ପିଲାମାନେ ଅତି ସହଜରେ ନିଶା କବଳରେ ପଡ଼ି ଯାଉଛନ୍ତି । ଏହା ଜଣାପଡ଼ିଲେ ମଧ୍ୟ ସେମାନଙ୍କ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନାହିଁ । ପିଲାମାନଙ୍କୁ ଉଦ୍ଧାର କରିବା ପରେ ଚିକିତ୍ସା ପାଇଁ ସେମାନଙ୍କୁ କେଉଁଠି ଛଡ଼ାଯିବ ତାହା ଥିଲା ବଡ଼ ପ୍ରଶ୍ନ ।

ଜାତୀୟ ପରିବାର କଲ୍ୟାଣ ସର୍ଭେ ରିପୋର୍ଟ ଅନୁସାରେ ୨୦୧୫-୧୬ରେ ୧୫ବର୍ଷ କିମ୍ବା ତଦୁର୍ଦ୍ଧ ବୟସର ମହିଳାଙ୍କ ମଧ୍ୟରୁ ୨୬% ମଦ, ତମାଖୁ ଆଦି ନିଶା ସେବନରେ ଅଭ୍ୟସ୍ତ ଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ୫୧.୬% ରହିଥିଲା । ୨୦୨୦-୨୧ ବେଳକୁ ସହରାଞ୍ଚଳରେ ୧୬.୬% ଏବଂ ଗ୍ରାମାଞ୍ଚଳରେ ୨୮% ମହିଳା ନିଶା ସେବନ କରୁଥିଲେ । ୧୫ବର୍ଷରୁ ଅଧିକ ପୁରୁଷଙ୍କ ମଧ୍ୟରେ ୨୦୨୦-୨୧ରେ ଗ୍ରାମାଞ୍ଚଳରେ ୩୦.୨% ଏବଂ ସହରାଞ୍ଚଳରେ ୨୨.୭% ମଦ୍ୟପାନ ସହିତ ଅଭ୍ୟସ୍ତ । ତେବେ ପ୍ରଥମ ଦଫାରେ ରାଜ୍ୟର କିଛି ପ୍ରମୁଖ ସହରରେ ପିଲାମାନଙ୍କ ପାଇଁ ସରକାରୀ ନିଶାନିବାରଣ କେନ୍ଦ୍ରରେ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

- ଅଭିନେତ୍ରୀ ଶ୍ରୀଦେବୀ ମୃତ୍ୟୁ ମାମଲା

# ଭୁବନେଶ୍ୱର ୟୁଟ୍ୟୁବର୍ ଦୀପ୍ତି ପିନିତୀଙ୍କ ବିରୋଧରେ ସିବିଆଇର ଚାର୍ଜସିଟ୍

**ଭୁବନେଶ୍ୱର, ୫ ।୨(ସମିସ):** ବଲିଉଡ ଅଭିନେତ୍ରୀ ଶ୍ରୀଦେବୀ ମୃତ୍ୟୁ ମାମଲାରେ ଓଡ଼ିଶା ଲିଙ୍କ୍ ଆସିଛି । ଭୁବନେଶ୍ୱରର ୟୁଟ୍ୟୁବର ଦୀପ୍ତି ଆର ପିନିତୀଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍ ଦାଖଲ କରିଛି । ଏହି ଚର୍ଚ୍ଚିତ ୟୁଟ୍ୟୁବର ଜଣଙ୍କ ସୁଶାନ୍ତ ସିଂହ ରାଜପୁତ ମୃତ୍ୟୁ ମାମଲାରେ ମଧ୍ୟ ଚର୍ଚ୍ଚାକୁ ଆସିଥିଲେ । ତାଙ୍କ ନା ଦୀପ୍ତି ଆର୍ ପିନିତୀ । ଶ୍ରୀଦେବୀଙ୍କ ମୃତ୍ୟୁକୁ ପ୍ରାୟୋଜିତ ବୋଲି ଦୀପ୍ତି ଆର୍ ପିନିତୀ ଦାବି କରିଛନ୍ତି । ଆଉ ସେ ଏକ ଦସ୍ତାବିଜ ଦେଖାଇଥିଲେ । ଯେଉଁଥିରେ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଏବଂ ସୁପ୍ରିମକୋର୍ଟଙ୍କ ସମ୍ବନ୍ଧୀୟ ଦସ୍ତାବିଜ ରହିଥିଲା । ଏହି ମାମଲାରେ ଭାରତ ଏବଂ ୟୁଏଇ ସରକାର ମଧ୍ୟରେ ଭିତିରିଆ ବୁଝମଣା ରହିଛି ଏବଂ ଏହି ମୃତ୍ୟୁର ଅସଲ ଉଦ୍ଦେଶ୍ୟକୁ ଚପାଇ ଦିଆଯାଉଛି ବୋଲି ସେ ଦାବି କରିଥିଲେ । ଏହାକୁ ନେଇ ମୁମ୍ବାଇର ଆଇନଜୀବୀ ଚାନ୍ଦନି ଶାହ ଗତବର୍ଷ ଆପତ୍ତି କରିଥିଲେ । ଆଇନଜୀବୀ ଜଣଙ୍କ ୟୁଟ୍ୟୁବର ଦୀପ୍ତି ଏବଂ ତାଙ୍କ ଆଇନଜୀବୀ ଭାରତ ସୁରେଶ କାମାଥଙ୍କ ନାମରେ ଅଭିଯୋଗ କରିଥିଲେ । ପରେ ସିବିଆଇ ଉଭୟଙ୍କ ନାମରେ ମାମଲା ରୁଜୁ କରିଥିଲା । ସିବିଆଇ ହୃଦବୋଧ କରିଛି ଯେ ଶ୍ରୀଦେବୀ ମୃତ୍ୟୁ ମାମଲାରେ ଦୀପ୍ତୀ ଯେଉଁ ଦସ୍ତାବିଜ ଦର୍ଶାଇଛନ୍ତି ତାହା ନକଲି ଅର୍ଥାତ୍ ଜାଲ୍ । ହେଲେ ଦୀପ୍ତି ଜାତୀୟ ଗଣମାଧ୍ୟମରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ସିବିଆଇ ତାଙ୍କ ବୟାନ ରେକର୍ଡ କରି ନାହିଁ । ଚାର୍ଜସିଟକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଚାର୍ଜଫ୍ରେମ୍ ବେଳେ ସେ କୋର୍ଟଙ୍କୁ ଆବଶ୍ୟକ ପ୍ରମାଣ ଦେବେ ବୋଲି କହିଛନ୍ତି । ଯେଉଁ ସରକାର ବିରୋଧରେ ଅଭିଯୋଗ ଆସିଛି ତାକୁ ସୁରକ୍ଷା ଦେବାକୁ ଯାଇ ସିବିଆଇ ଚାର୍ଜସିଟ୍ ଦାଖଲ କରିଛି ବୋଲି ଦୀପ୍ତୀ ଅଭିଯୋଗ କରିଛନ୍ତି । ଏହି ମାମଲାରେ ସିବିଆଇ ଗତବର୍ଷ ଡିସେମ୍ବର ୨ରେ ରେଡ୍ କରିଥିଲା । ୟୁଟ୍ୟୁବର ଦୀପ୍ତିଙ୍କ ବାସଭବନରେ ଚଢ଼ାଉ କରି ମୋବାଇଲ୍ ଏବଂ ଲାପଟପ୍ ଜବତ କରିଥିଲା ।























■ କିଟ୍‌ରେ ଓଡ଼ିଆ କବି ସମ୍ମିଳନୀ ଉଦ୍‌ଯାପିତ

## 'କବିତା ଅନୁବାଦରେ ଭାବାର୍ଥ ନଷ୍ଟ ନ ହେଉ'



ଭୁବନେଶ୍ୱର, ୫।୨ (ସମିସ): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ କିଟ୍‌ରେ ଚାଲିଥିବା ଦୁଇଦିନିଆ ଓଡ଼ିଆ କବି ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଭାଷା, ସଂସ୍କୃତିର ଭାବଗତ ବିକାଶ ନିମନ୍ତେ କବିତାର ଅନୁବାଦଗତ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବହୁ ବିଶିଷ୍ଟ କବି ଅଂଶଗ୍ରହଣ କରିଥିଲେ। ଅନୁବାଦ ସମୟରେ ଭାବାର୍ଥ ଯେପରି ନଷ୍ଟ ନ ହୁଏ ସେଥିପ୍ରତି କବିତା ଅନୁବାଦକମାନେ ଯତ୍ନବାନ ହେବାକୁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ସମ୍ମିଳନୀରେ ବିଶିଷ୍ଟ କବି ଭଗବାନ ଜୟସିଂହ, ଅମରେଶ ପଟ୍ଟନାୟକ, ଦୀପକ ସାମନ୍ତରାଏ, ପ୍ରଭାସିନୀ ମହାକୁଡ଼, ଡ. ମିହିର କୁମାର ସାହୁ, କ୍ଷୀରୋଦ ପରିଡ଼ା, ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଅନୁବାଦ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ କବି ପଦ୍ମଶ୍ରୀ ହଳଧର ନାଗ, କବି ତଥା କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ, କବି ସୌଭାଗ୍ୟ କୁମାର ମିଶ୍ର, ପ୍ରତିଭା ଶତପଥୀ, ଆଶୁତୋଷ ପରିଡ଼ା, ମନୋରମା ବିଶ୍ୱାଳ ମହାପାତ୍ର, ପ୍ରଦୀପ ବିଶ୍ୱାଳ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସିପ୍ରା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

■ ଓୟୁଏଟିରେ 'ବିଶ୍ୱବିଦ୍ୟାଳୟସ୍ତରୀୟ ସମାରୋହ'

## ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସହ ଆଗାମୀ ପିଢ଼ିକୁ ଯୋଡ଼ିବ 'ଓଡ଼ିଆ ଭାଷା ସମ୍ମିଳନୀ'



ଭୁବନେଶ୍ୱର, ୫।୨(ସମିସ): ଯେଉଁ ଭାଷାରେ ଆମେ ସ୍ୱପ୍ନ ଦେଖୁଥାଉ, ସେ ନିଶ୍ଚିତ ମାତୃଭାଷା। ନିଜ ଅଜାଣତରେ ମୁଖନିସୃତ ବାକ୍ୟ ମଧ ମାତୃଭାଷାରେ ପ୍ରକାଶ ପାଇଥାଏ। ନିଜ ମାତୃଭାଷାକୁ ଆଗ୍ରାଧିକାର ଦେଇ ବହୁ ଦେଶ ବିକଶିତ ହୋଇଛନ୍ତି। ତେଣୁ ଓଡ଼ିଆମାନେ ଓଡ଼ିଆକୁ ପ୍ରାଧାନ୍ୟ ଦେଲେ ବିଶ୍ୱରେ ନିଜ ପରିଚୟ ବୃଦ୍ଧି କରିପାରିବ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ଅନୁଷ୍ଠିତ 'ବିଶ୍ୱବିଦ୍ୟାଳୟସ୍ତରୀୟ ସମାରୋହ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି, ମାତୃଭାଷାର ମମତା ଅନ୍ୟ ଭାଷାରେ ନାହିଁ। ଭାବ ବିନିମୟର ମାଧ୍ୟମ ହେଉଛି ଭାଷା। ତେଣୁ ଓଡ଼ିଆ ଭାଷାରେ ଚାଷୀଙ୍କୁ ସମସ୍ତ ତଥ୍ୟ ଆଦାନ ପ୍ରଦାନ କରିବା ପାଇଁ ବିଶ୍ୱବିଦ୍ୟାଳୟ ତତ୍ପର ଥିବା କୁଳପତି ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଯୋଗଦେଇ କଥିତ ଓଡ଼ିଆରେ ଚାଷୀଙ୍କୁ ବୁଝାଇଲେ ଏହାର ଉପାଦେୟତା, ଗ୍ରହଣୀୟତା ବୃଦ୍ଧିପାଇବ ବୋଲି କହିଛନ୍ତି। ଏହି ଅବସରରେ କୃଷି ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ମଧୁସୂଦନ ଦାସ, ନଟବର ଖୁଣ୍ଟିଆ, ଡ. ପ୍ରମୋଦ କୁମାର ପଣ୍ଡା, ଡ. ବୀରକିଶୋର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଓଡ଼ିଶା କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୫।୨(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀରେ ଗତ ତିନି ଦିନ ଧରି ବିଭିନ୍ନ ବିଷୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ କୁଇଜ୍ ମାଷ୍ଟର ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ମୁକ୍ତ କୁଇଜ୍ ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀ ଗବେଷକ, ବୁଦ୍ଧିଜୀବୀ ଓ ସର୍ବସାଧାରଣ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ଟି ସାର୍ଟ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ବହୁ ସଂଖ୍ୟାରେ ଦର୍ଶକମାନେ ଏହି ପ୍ରତିଯୋଗିତାର ମଧ ମଜା ଉଠାଇଥିଲେ।

# ଓଡ଼ିଆ ଭାଷାକୁ ବିଶ୍ୱସ୍ତରୀୟ କରିପାରିବ ଆଧୁନିକ ଜ୍ଞାନକୌଶଳ



ଭୁବନେଶ୍ୱର, ୫।୨ (ସମିସ): ଓଡ଼ିଆ ହେଉଛି ସର୍ବପ୍ରାଚୀନ ଭାଷା। ଆମ ରାଜ୍ୟର ସଂସ୍କୃତି, ଐତିହ୍ୟ, ପରମ୍ପରା ଆଜି ସାରାବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେଣୁ ଭାଷାର ସୁରକ୍ଷା ପାଇଁ ସୂଚନା ପ୍ରଯୁକ୍ତିର ଉପଯୋଗୀ ବ୍ୟବହାର ନିତାନ୍ତ ଆବଶ୍ୟକ। ଏହାସହ ବିଭିନ୍ନ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଓଡ଼ିଆ ଭାଷାକୁ କିପରି ବିଶ୍ୱସ୍ତରରେ ପହଞ୍ଚାଇହେବ ସେଥିପାଇଁ ଅଧିକ ଗବେଷଣା ଜରୁରୀ ବୋଲି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଅବସରରେ ଆୟୋଜିତ 'ସୂଚନା ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଓଡ଼ିଆ ଭାଷା: ସୁଯୋଗ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସଭାରେ ପ୍ରଯୁକ୍ତି ବିଶେଷଜ୍ଞ ସେନ୍ଥୀଲ ଶଙ୍କର ସୁବ୍ରମଣିୟାନ୍ ଅଧ୍ୟକ୍ଷତା କରି ରାଜ୍ୟ ସରକାର ଓଡ଼ିଆ ଭାଷାର ପ୍ରସାର ଦିଗରେ ନେଉଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆଇଏସ୍‌ଜିର ମୁଖ୍ୟ ଭାବେ କାର୍ଯ୍ୟରତ ରେଖା ଆଚାର୍ଯ୍ୟ କହିଲେ ଯେ, ବର୍ତ୍ତମାନ ଯୁଗ ହେଉଛି 'ଏଆଇ'ର ଯୁଗ। ଆଗାମୀ କିଛିବର୍ଷ ମଧ୍ୟରେ ସବୁ ବାଧାବିଘ୍ନକୁ ଅତିକ୍ରମ କରି ଓଡ଼ିଆ ଭାଷା ସୂଚନା ପ୍ରଯୁକ୍ତିର ଭାଷା ହୋଇପାରିବ ବୋଲି ସେ କହିଥିଲେ। ଏଆଇ/ଏମ୍‌ଏଲ୍, ରିଲାଏନ୍ସ ଜିଓ ଉତ୍କର୍ଷ କେନ୍ଦ୍ରର ମୁଖ୍ୟ ଡାଟା ବୈଜ୍ଞାନିକ ଡ. ଶୈଳେନ୍ଦ୍ର କୁମାର ଭାଷାକୁ ଷଷ୍ଠ ଇନ୍ଦ୍ରୀୟ ଭାବରେ ଅଭିହିତ କରିବା ସହ ଭାଷାର କ୍ରମବିକାଶ ବିଷୟରେ ବକ୍ତବ୍ୟ ରଖିଥିଲେ। କେପିଏମ୍‌ଜି ଇଣ୍ଡିଆର ସହଭାଗୀ ବିଜେନ୍ଦ୍ର କୁମାର ଭାରତରେ ମାତ୍ର ୧୦ ପ୍ରତିଶତ ଲୋକ ଇଂରାଜୀ ଭାଷାରେ ଯୋଗାଯୋଗ କ୍ଷମତା ରଖୁଥିବାରୁ ଓଡ଼ିଆ ଭାଷାରେ ଜ୍ଞାନ ଆହରଣରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି କହିବା ସହ ଇଂରାଜୀ ଭାଷାରେ ଅଧିକ ନିର୍ଭରଶୀଳ ଓଡ଼ିଆ ଭାଷାକୁ ସଂକୁଚିତ କରୁଛି। ତେଣୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଆଞ୍ଚଳିକ ଭାଷାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ମତ ଦେଇଥିଲେ। ରେଭେରି ଲାଙ୍ଗୁଏଜ୍ ଟେକ୍‌ନୋଲୋଜିର ସହପ୍ରତିଷ୍ଠାତା ବିବେକାନନ୍ଦ ପାଣି ଅନଲାଇନ୍ ଦୁନିଆରେ କ୍ରମାଗତ ଭାବେ ଭାଷାର ବ୍ୟବଧାନ ପରିଲକ୍ଷିତ ହେଉଥିବା ଦର୍ଶାଇଥିଲେ। ସେହିପରି ଅରବିନ୍ଦ ପାଣି ଓଡ଼ିଆ ଭାଷାର ବିକାଶ ପାଇଁ ମାନସିକ ପ୍ରସ୍ତୁତି ଏବଂ ଭାଷା ପ୍ରତି ଆନ୍ତରିକତା ଜରୁରୀ ବୋଲି କହିଥିଲେ। ଛାତ୍ରବକ୍ତା ରତିକ୍ କୁମାର ପଣ୍ଡା ଓଡ଼ିଆ ଭାଷାର ବିକାଶ ପାଇଁ ସୂଚନା ପ୍ରଯୁକ୍ତି ବ୍ୟବହାରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଇଲେକ୍‌ଟ୍ରୋନିକ୍ସ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଓକାକ୍‌ର ସିଇଓ ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

ଓଡ଼ିଆ ନାଟକ ଏବଂ ଥିଏଟର ଉତ୍ସବ ଉଦ୍‌ଯାପିତ

## ଓଡ଼ିଆ ସିନେମାକୁ ଚମକାଉଛି ଓଟିଟି




କଟକ, ୫।୨(ସମିସ): ଓଡ଼ିଆ ସିନେ ଶିଳ୍ପ ତଥା ସିନେମାକୁ ବିଶ୍ୱ ଦରବାରରେ ପହଞ୍ଚାଉଛି ଓଟିଟି ଭଳି ଡିଜିଟାଲ୍ ପ୍ଲାଟଫର୍ମ। ଗୋଟିଏ ଧାଡ଼ିରେ କହିବାକୁ ଗଲେ, ଓଡ଼ିଆ ସିନେମାକୁ ଚମକାଉଛି ଏହି ଓଟିଟି ପ୍ଲାଟଫର୍ମ ବୋଲି ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଆ ନାଟକ ଓ ଥିଏଟର ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ ନିର୍ଦ୍ଦେଶକ ବସନ୍ତ ସାହୁ ମତବ୍ୟକ୍ତ କରିଛନ୍ତି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଦେବଦାସ ଛୋଟରାୟ, ସତ୍ୟଜିତ୍ ରାୟ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବରିଷ୍ଠ ସିନେ ବିତରକ ଦିଲ୍ଲୀପ ମିଶ୍ର, ରେଭେନ୍ସା ପିଜି କାଉନସିଲର୍ ଅଧ୍ୟକ୍ଷା ଡଃ ଲୁନା ସାମନ୍ତ ଓ କଲଚରାଲ୍ କାଉନସିଲର ଅଧ୍ୟକ୍ଷା ଡଃ ଉର୍ମିଶ୍ରୀ ବେଦମତ୍ତା ଯୋଗଦେଇଥିବାବେଳେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।



ପ୍ରଥମ ବିଶ୍ୱ ଓଡ଼ିଶା ଭାଷା ସମ୍ମିଳନୀରେ ଯୋଗଦେଇ ବହୁତ ଖୁସି। ବିଦେଶରେ ରହି ମଧ ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଭଲ ପାଇବା ଅତୁଟ ରହିଛି। ଏଭଳି ସମ୍ମିଳନୀରୁ ନିଜ ଭାଷା ସମ୍ପର୍କରେ ଅଧିକ ଜାଣିବାର ଅବକାଶ ମିଳିଲା।

-ସୁସ୍ମିତା ପଟ୍ଟନାୟକ, ଦୋହା, କାତାର



ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରଗତି ବୃଦ୍ଧି ପାଇଛି। ଏହାର ଜ୍ୱଳନ୍ତ ନିଦର୍ଶନ ହେଉଛି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ମୋ ମାତୃଭୂମି ସର୍ବଦା ମୋର ପ୍ରିୟ ହୋଇ ରହିଛି। ଭାଷା ଓ ସଂସ୍କୃତିର ସୁରକ୍ଷା ହୋଇ ପାରିଲେ ଏ ଜାତି ଆହୁରି ଆଗକୁ ବଢ଼ିବ।

-ଡଃ ପ୍ରଦୀପ କୁମାର ପ୍ରଧାନ, କାନାଡ଼ା



ନିଜ ମାତୃଭାଷାର ପ୍ରୋତ୍ସାହନ ନିମନ୍ତେ ନିଜ ପିଲାମାନଙ୍କୁ ଓଡ଼ିଆ ଶିଖାଉଛୁ। ବାହାରେ ରହି ମଧ ଅନ୍‌ଲାଇନ ମାଧ୍ୟମରେ ପ୍ରବାସୀ ଓଡ଼ିଆମାନଙ୍କୁ ଓଡ଼ିଆ ଭାଷା ସହ ପରିଚିତ କରିପାରି ନିଜକୁ ବହୁତ ଗର୍ବ ଅନୁଭବ କରୁଛି। ଏହି ସମ୍ମିଳନୀରେ ଯୋଗଦେଇ ବ୍ୟକ୍ତିଗତ ଭାବେ ଗର୍ବିତ।

-ମୈତ୍ରେୟୀ କମିଲା, ମୁମ୍ବଇ



ବେଙ୍ଗାଲୁରୁରେ ଅନ୍ୟ ଭାଷାଭାଷୀମାନଙ୍କୁ ଓଡ଼ିଆ ଭାଷାରେ ଶିକ୍ଷା ଦେବା ନିମନ୍ତେ ଚାଟଶାଳୀ ପ୍ରତିଷ୍ଠା କରାଯାଇଛି। ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରାୟ ୪୨୯ ଜଣଙ୍କୁ ଓଡ଼ିଆ ଭାଷା ଶିଖେଇବାରେ ସଫଳ ହୋଇଛୁ।

-ତାପସରାଜ ମହାରଣା, ପ୍ରତିଷ୍ଠାତା, ବେଙ୍ଗାଲୁରୁ ଓଡ଼ିଆ ସାହିତ୍ୟ ସମାଜ

## 'ଚିକିତ୍ସା ବିଜ୍ଞାନରେ ଓଡ଼ିଆ ଭାଷାର ଆବଶ୍ୟକତା ରହିଛି'

ଭୁବନେଶ୍ୱର, ୫।୨ (ସମିସ): ବନ୍ଦେ ଉତ୍କଳ ଜନନୀର ଚତୁର୍ଥ ପଦରୁ ଓଡ଼ିଶା ଏକ ଜ୍ଞାନବିଜ୍ଞାନର କ୍ଷେତ୍ର ବୋଲି ଜଣାଯାଏ। ଚୀନ୍ ଓ ଋଷରେ ବୈଷୟିକ ଜ୍ଞାନର ପ୍ରୟୋଗ ପାଇଁ ଦକ୍ଷ ଅନୁବାଦକ ସଫ୍ଟୱେର ଏବଂ ସ୍ୱତନ୍ତ୍ର ଭାଷାକୋଷ ରହିଛି। ଓଡ଼ିଆ ଭାଷାକୁ ବିଶ୍ୱବିଦିତ କରିବା ପାଇଁ ସେହିପରି ବୈଷୟିକ ଜ୍ଞାନର ଆବଶ୍ୟକତା ଥିବା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ କହିଛନ୍ତି।

ଏଥିରେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା 'ଅଣୁରୁ ଅନ୍ତରୀକ୍ଷ' ପୁସ୍ତକର ରଚୟିତା ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ 'ପଦାର୍ଥ ବିଜ୍ଞାନର ଭାଷା ଭାବେ ଓଡ଼ିଆ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଛନ୍ତି। ସେହିପରି ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି 'ଚିକିତ୍ସା ବିଜ୍ଞାନର ଭାଷା ଭାବେ ଓଡ଼ିଆ' ବିଷୟରେ ବକ୍ତବ୍ୟ ରଖି 'ଚୀନ୍ ଓ ଋଷ ପରି ବିକଶିତ ଦେଶରେ ଆଞ୍ଚଳିକ ଭାଷାରେ ଚିକିତ୍ସା ବିଜ୍ଞାନ ପଢ଼ାଯାଉଥିବାରୁ ଚିକିତ୍ସକ ଏବଂ ରୋଗୀମାନଙ୍କ ମଧ୍ୟରେ ଉପଯୁକ୍ତ ଭାବବିନିମୟ ହୋଇପାରୁଛି। ଓଡ଼ିଆରେ ରୋଗୀମାନେ ଭାବବିନିମୟ କରୁଥିବାରୁ ଚିକିତ୍ସା ବିଜ୍ଞାନରେ ଓଡ଼ିଆ ଭାଷାର ଆବଶ୍ୟକତା ଥିବା ସେ କହିଛନ୍ତି। କୃଷି ବିଜ୍ଞାନୀ ଡ. ସ୍ୱାତି ନାୟକ 'ସ୍ଥାନୀୟ ଭାଷା ଓଡ଼ିଆରେ ବିଜ୍ଞାନ ବୈଷୟିକ ଜ୍ଞାନ ଆହରଣ ଏବଂ ବିକେନ୍ଦ୍ରୀକରଣ' ବିଷୟରେ ବକ୍ତବ୍ୟ ରଖିଛନ୍ତି। ବିଶିଷ୍ଟ ରସାୟନ ବିଜ୍ଞାନୀ ଡ. ଚିତ୍ତରଞ୍ଜନ ମିଶ୍ର 'ମାତୃଭାଷା ଓଡ଼ିଆ ମାଧ୍ୟମରେ ବିଜ୍ଞାନର ଯୋଗାଯୋଗ' ବିଷୟରେ ବକ୍ତବ୍ୟ ରଖି ବିଜ୍ଞାନର ପ୍ରଚାରପ୍ରସାର ଓ ପ୍ରୋତ୍ସାହନ ପାଇଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ 'କଳିଙ୍ଗ ପୁରସ୍କାର' ଆରମ୍ଭ କରିଥିବା କହିଛନ୍ତି। ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ 'ଓଡ଼ିଆ ଭାଷାରେ ପରିବେଶ ସଚେତନତା ବୃଦ୍ଧି' ବିଷୟରେ ବକ୍ତବ୍ୟ ରଖି ଭବିଷ୍ୟତ ପିଢ଼ି ପାଇଁ ପ୍ରକୃତି ଓ ପରିବେଶର ସୁରକ୍ଷା ଓ ସଂରକ୍ଷଣ ନିତାନ୍ତ ଆବଶ୍ୟକ ବେଲି କହିଛନ୍ତି। ପ୍ରଫେସର ଶୁଭଙ୍କର ବେଦାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥି ଏସ୍ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସମୃଦ୍ଧ ଓ ପ୍ରଭାବୀ ଓଡ଼ିଶା ସମ୍ଭବ




ଭୁବନେଶ୍ୱର, ୫।୨(ସମିସ): ଜାତିର ପିତା ମହାତ୍ମା ଗାନ୍ଧୀ ଦେଶ ଓ ଜାତି ପାଇଁ ବାଟ ଖୋଜି ନଥିଲେ ବରଂ ସେ ନିଜେ ବାଟ କାଢ଼ିଥିଲେ। ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳଗୌରବ ମଧୁସୂଦନ ଦାସ ପ୍ରମୁଖ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ୨୦୩୬ର ଓଡ଼ିଶା ଆଦର୍ଶ, ସମୃଦ୍ଧ ଓ ପ୍ରଭାବୀ ହୋଇପାରିବ ବୋଲି ଓଡ଼ିଶା ସରକାରଙ୍କ ଆନୁଷ୍ଠାନିକ ଦକ୍ଷତା ନିର୍ମାଣର ମୁଖ୍ୟ ପରାମର୍ଶଦାତା ସୁବ୍ରତୋ ବାଗଚୀ କହିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଆଦିକବି ସାରଳା ଦାସ ପ୍ରକୋଷ୍ଠରେ ଅନୁଷ୍ଠିତ '୨୦୩୬ରେ ଓଡ଼ିଶା: ନବଦିଗନ୍ତର ସମ୍ଭାବନା' ଶୀର୍ଷକ ଆଲୋଚନା ସଭାରେ ଓଡ଼ିଶାର ଗୌରବମୟ ସଂସ୍କୃତି ଓ ପରମ୍ପରାକୁ ସମୃଦ୍ଧ କରିଥିବା ପୂର୍ବସୂରୀମାନଙ୍କ ତ୍ୟାଗ, ତପସ୍ୟା ଓ ସାଧନାରେ ଅନୁପ୍ରେରିତ ହୋଇ କାର୍ଯ୍ୟକଲେ ଓଡ଼ିଶା ବିକଶିତ, ସ୍ୱାଭିମାନ ଓ ଅଭିବୃଦ୍ଧିର ରାଜ୍ୟରେ ପରିଣତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଆଲୋଚନା ସଭାରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱାଧୀନ ସରକାର ନିରବଚ୍ଛିନ୍ନ ଭାବେ ରାଜ୍ୟର ବିକାଶ ଓ ଲୋକଙ୍କ ସେବା କରୁଥିବା କହିଛନ୍ତି। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିର୍ଲା କାର୍ବନ ନିର୍ଦ୍ଦେଶକ (ରସାୟନ) ଏବଂ ଆଦିତ୍ୟ ବିର୍ଲା ଗ୍ରୁପ ମାନବ ସମ୍ବଳ ବିଭାଗ ନିର୍ଦ୍ଦେଶକ ଡ. ସଂତୃପ୍ତ ମିଶ୍ର, ମୋନିଟାରି ଅଥରିଟି ଅଫ୍ ସିଙ୍ଗାପୁରର ମୁଖ୍ୟ ଫିଟେକ ଅଧିକାରୀ ସ୍ୱପ୍ନେନ୍ଦୁ ମହାନ୍ତି, ସାନ-ଡିଏଗୋର ରୀତା ଆଣ୍ଡ ରିଚାର୍ଡ ଆଟଚିନସନ୍ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଛନ୍ତି। ଶୁଭମ୍ ବେହେରା ପରିଚାଳନା କରିଥିବା ଏହି ସଭାରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସମୀକ୍ଷା ତ୍ରିପାଠୀ ଏବଂ ସୌମ୍ୟା ପଟ୍ଟନାୟକ ମଧ ବକ୍ତବ୍ୟ ରଖିଛନ୍ତି। ଅପରାହ୍ନରେ ପ୍ରଥମେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଫେସନ୍ ଡିଜାଇନର୍ ବିଭୁ ମହାପାତ୍ରଙ୍କ ସହିତ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଅଧିକାରୀ ଅଳକା ମିଶ୍ର ଆଲୋଚନା କରିଛନ୍ତି। ସେହିପରି ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଦ୍ୱିତୀୟ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ବିଶ୍ୱବିଖ୍ୟାତ ଐତିହାସିକ ଓ ଗବେଷକ ପଦ୍ମଶ୍ରୀ ହର୍‌ମାନ୍ କୁଲ୍‌କେଙ୍କ ସହିତ ଲେଖିକା ତଥା ଐତିହାସିକା ଡ. ନିବେଦିତା ମହାନ୍ତି ଆଲୋଚନା କରିଛନ୍ତି।



# ଭୁବନେଶ୍ୱର ସିଟି

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର, ୫।୨ (ସମିସ):** ତମାଣ୍ଡୋ ଖେଳ ପଡ଼ିଆ ନିକଟସ୍ଥ ଏକ ଭଡ଼ାଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ କରିଛି ତମାଣ୍ଡୋ ଥାନା ପୁଲିସ। ମୃତ ମହିଳା ହେଉଛନ୍ତି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଅଞ୍ଚଳର ପୁଷ୍ପଲତା ଭୋଳ (୨୭)। ମହିଳାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ଝୁନୁ ଜେନା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବାଲୁଗାଁ ଅଞ୍ଚଳର ଝୁନୁ ୨୦୧୬ ମସିହାରେ ଖଣ୍ଡପଡ଼ା କୁଞ୍ଜବିହାରୀପୁର ଅଞ୍ଚଳର ପ୍ରଶାନ୍ତଙ୍କୁ ବିବାହ କରିଥିଲେ ଓ ତାଙ୍କର ୬ ବର୍ଷର ପୁଅ ମଧ୍ୟ ଅଛନ୍ତି। ପ୍ରଶାନ୍ତ ଅଟୋଚାଳକ ହୋଇଥିବାବେଳେ ପତିପତ୍ନୀ ଦୁଇ ବର୍ଷ ହେବ ତମାଣ୍ଡୋ ଖେଳ ପଡ଼ିଆ ନିକଟସ୍ଥ ଏକ ଘରେ ଭଡ଼ାରେ ରହୁଥିଲେ। ପ୍ରଶାନ୍ତ ନିଶା ସେବନ କରୁଥିବାରୁ ପତି ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲା। ରବିବାର ରାତିରେ ମଧ୍ୟ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ପତିପତ୍ନୀ ଓ ପୁଅ ଖାଇପିଇ ଶୋଇଥିଲେ। ପୁଷ୍ପଲତା ବିଳମ୍ବିତ ରାତିରେ ବେକରେ ଶାଢ଼ି ଲଗାଇ ଆଜବେଷ୍ଟସ ଘରର ଲୁହା ବାରରେ ଝୁଲି ପଡ଼ିଥିଲେ। ସୋମବାର ସକାଳୁଆ ପ୍ରଶାନ୍ତ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଖବରପାଇ ପୁଷ୍ପଲତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ତେବେ ଝିଅକୁ ହତ୍ୟା କରାଯାଇଥିବା ନେଇ ମା' ଝୁନୁ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସେପଟେ ସ୍ୱାମୀ ପ୍ରଶାନ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୁଲିସ।

## ସ୍କୁଟି ଜବତ, ୨ ଗିରଫ

**ଭୁବନେଶ୍ୱର, ୫।୨(ସମିସ):** ମୋବାଇଲ ଓ ସ୍କୁଟି ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସହିଦ ଲକ୍ଷ୍ମଣ ନାୟକ ବସ୍ତିର ଗୋପୀନାଥ ନାୟକ (୨୨) ଓ କଟକ ଝୋଲା ସାହିର ଏମ୍‌ଡି ଅତଲଫ୍ ଖାନ୍ (୧୯)। ଗତ ଶନିବାର ସକାଳେ ରାଜୀବ ମୁନ୍ନା ଇନ୍ଦ୍ରଧନୁ ମାର୍କେଟକୁ ଯାଇଥିବା ବେଳେ ଗୋପୀ ତାଙ୍କ ପକେଟରୁ ମୋବାଇଲ ଫୋନ ଚୋରି କରି ନେଇଥିଲା। ସେହିପରି ଟେକ୍ ମହିନ୍ଦ୍ରା କମ୍ପାନୀରେ କଷ୍ଟମର ଏକଜିକ୍ୟୁଟିଭ୍ ୟାସିନ ଇଲାହି ରବିବାର ନିଜ ସ୍କୁଟିକୁ ଅଫିସ୍ ଗେଟ୍ ସମ୍ମୁଖରେ ପାର୍କିଂ କରି ଅଫିସ୍ ଭିତରକୁ ଯାଇଥିଲେ। ସେହି ସମୟରେ ଅତଲଫ ତାଙ୍କ ସ୍କୁଟିକୁ ଚୋରି କରି ନେଇଥିଲା।

## ଗଞ୍ଜେଇ ବେପାରୀ ଗିରଫ

**ଭୁବନେଶ୍ୱର/ ହଂସପାଳ, ୫।୨ (ସମିସ):** ବେଆଇନ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ପଳାଶୁଣୀ ମୁଣ୍ଡା ସାହିରେ ରହୁଥିବା ଯାଜପୁର ରୋଡ଼ର ପ୍ରଶାନ୍ତ ଦାସ (୩୮)। ପୁଲିସ ସୂଚନା ଅନୁସାରେ, ମଞ୍ଚେଶ୍ୱର ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟ ରାସ୍ତାରେ ଗଞ୍ଜେଇ କାରବାର ହେଉଥିବା ପୁଲିସକୁ ଖବର ମିଳିଥିଲା। ମଞ୍ଚେଶ୍ୱର ଥାନାର ଏକ ଟିମ୍ ସେଠାରେ ଚଢ଼ଉ କରି ପ୍ରଶାନ୍ତକୁ ଅଟକ ରଖିବା ସହିତ ତା ଠାରୁ ଗଞ୍ଜେଇ ଭର୍ତ୍ତି ବସ୍ତା ଜବତ କରିଥିଲା। ଯାଞ୍ଚ ସମୟରେ ବସ୍ତାରୁ ୩କିଲୋ ଗଞ୍ଜେଇ ମିଳିଥିଲା।

## ମୁକୁଳା କୂଅରେ ପଡ଼ି ମୃତ

**ଭୁବନେଶ୍ୱର, ୫।୨(ସମିସ):** ରଣସିଂହପୁର ଧାର ସାହି ନିକଟସ୍ଥ କୂଅରେ ପଡ଼ି ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଲେ ସରକନ୍ତରାର ସତ୍ୟବ୍ରତ ମିଶ୍ର (୪୭)। ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ସତ୍ୟବ୍ରତ ଘରକୁ ଫେରୁଥିବା ବେଳେ ଧାର ସାହି ନିକଟରେ ଥିବା ଏକ ମୁକୁଳା କୂଅରେ ପଡ଼ି ଯାଇଥିଲେ। ସୋମବାର ସକାଳୁ ସେହି କୂଅରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହାୟତାରେ ମୃତଦେହକୁ ଉଦ୍ଧାର କରିଥିଲା।

## ସୁନା ଚେନ୍ ଲୁଟ୍; ଜଣେ ଗିରଫ

**ଭୁବନେଶ୍ୱର, ୫।୨(ସମିସ):** ବରିଷ୍ଠ ନାଗରିକଙ୍କଠାରୁ ସୁନା ଚେନ୍ ଲୁଟ୍ କରୁଥିବାବେଳେ ଧରାପଡ଼ିଛି ଲୁଟେରା। ଲୋକମାନେ ତାକୁ କାବୁ କରି କ୍ୟାପିଟାଲ୍ ଥାନା ଜିମା ଦେବାପରେ ପୁଲିସ ତାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ଥାନା ନାଉଗାଁ ଥାନା ଚନ୍ଦ୍ରପୁରର ଲବଲୁ ପରିଡ଼ା (୨୩)। ପୁଲିସ ସୂଚନା ଅନୁସାରେ, ସୋମବାର ଲକ୍ଷ୍ମୀସାଗର ଅଞ୍ଚଳର ବରିଷ୍ଠ ନାଗରିକ ବାସନ୍ତୀ ସ୍ୱାଇଁ ୟୁନିଟ୍-୧ ମାର୍କେଟ ଯାଇଥିବାବେଳେ ଅଣ୍ଡର ଗ୍ରାଉଣ୍ଡରେ ଥିବା ଲସି ଦୋକାନ ସମ୍ମୁଖରେ ଯାଉଥିଲେ। ସେହି ସମୟରେ ଲବଲୁ ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ଦୌଡ଼ି ପଳାଇଥିଲା। ସେଠାରେ ଥିବା ଦୋକାନୀମାନେ ତା'ର ପିଛା କରିବା ସହିତ ୟୁନିଟ-୨ ରାଜଧାନୀ ପୂଜା ମଣ୍ଡପ ନିକଟରେ ଲବଲୁକୁ କାବୁ କରି ପୁଲିସ ଜିମା ଦେଇଥିଲେ। ବାସନ୍ତୀ ଏ ନେଇ ଲିଖିତ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା।

# ୫୦କୋଟିର ନିଶାଦ୍ରବ୍ୟ ନଷ୍ଟ

**ଭୁବନେଶ୍ୱର, ୫ ।୨(ସମିସ):**

ଜବତ ନିଶାଦ୍ରବ୍ୟ ବହୁଦିନ ମାଲଖାନାରେ ରହିବାରୁ ବିବାଦ ଲାଗି ରହୁଥିଲା। କେତେବେଳେ ମୂଷା ଓ ଅସରପା ଖାଇ ନଷ୍ଟ କରି ଦେଉଥିବାର ଅଭିଯୋଗ ତ ଆଉ କେବେ ସମ୍ପୃକ୍ତ ଥାନା ଅଧିକାରୀ ଓ କର୍ମଚାରୀ ମିଶି ବିକ୍ରି କରୁଥିଲେ। ଜବତ ନିଶାଦ୍ରବ୍ୟକୁ ନେଇ ଅଭିଯୋଗର ଫର୍ଦ୍ଦ ଲମ୍ବିବା ପରେ ଓଡ଼ିଶା ପୁଲିସ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରାୟ ଏକ ଦଶନ୍ଧି ଧରି ଜବତ ନିଶାଦ୍ରବ୍ୟ ନଷ୍ଟ କରିବା ଲାଗି କିଛି ଗାଇଡ୍‌ଲାଇନ୍ ଜାରି ହୋଇନଥିଲା। କୋର୍ଟ ବି

**୩୯ କେଜି ବ୍ରାଉନ୍‌ସୁଗର୍; ୮୦ କ୍ୱିଣ୍ଟାଲ ଗଞ୍ଜେଇ ପୋଡ଼ି**

**୪ ରାଜ୍ୟକୁ ପଛରେ ପକାଇ ରେକର୍ଡ କଲା ଓଡ଼ିଶା**

ନିଶାଦ୍ରବ୍ୟ ନଷ୍ଟ ସମ୍ପର୍କୀୟ ରାୟ ପ୍ରକାଶ କରିନଥିଲେ। ତେଣୁ ଓଡ଼ିଶାରୁ ଜବତ କରାଯାଉଥିବା ନିଶାଦ୍ରବ୍ୟ ମାଲଖାନାଗୁଡ଼ିକରେ ଗଚ୍ଛିତ ରଖିବାରୁ ନିଶାଦ୍ରବ୍ୟ ଭର୍ତ୍ତି ହୋଇ ରହିଥିଲା। ପରେ କୋର୍ଟଙ୍କ ଅନୁମତି ପରେ ନିଶାଦ୍ରବ୍ୟକୁ ପୋଡ଼ି ନଷ୍ଟ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତବର୍ଷର ୫୦କୋଟିର ନିଶାଦ୍ରବ୍ୟକୁ ନଷ୍ଟ କରିଛି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ନିଶାଦ୍ରବ୍ୟ ନଷ୍ଟ କରିବାରେ ବଡ଼ ବଡ଼ ରାଜ୍ୟକୁ ପଛରେ ପକାଇଦେଇଛି ଓଡ଼ିଶା ପୁଲିସ। ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା,



ପଶ୍ଚିମବଙ୍ଗ ଭଳି ରାଜ୍ୟଠୁ ଢେର୍‌ଗୁଣା ଅଧିକ ନିଶାଦ୍ରବ୍ୟ ପୋଡ଼ି ନଷ୍ଟ କରାଯାଇଛି। ଦୁଇବର୍ଷ ଧରି କ୍ରମଗତ ଭାବେ ନିଶାଦ୍ରବ୍ୟ ନଷ୍ଟ କରିବାରେ ଭଲ ପ୍ରଦର୍ଶନ କରିବାରୁ ହାଇକୋର୍ଟ ବି ପ୍ରଶଂସା କରିଛନ୍ତି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ଗତବର୍ଷ ୩୯କେଜି ବ୍ରାଉନସୁଗର ଓ ୮୦ କ୍ୱିଣ୍ଟାଲ ଗଞ୍ଜେଇକୁ ପୋଡ଼ି ନଷ୍ଟ କରାଯାଇଥିଲା। ସୁନ୍ଦରଗଡ଼ର ବଣ୍ଡମା, ଖୋର୍ଦ୍ଧାର ଡାଙ୍ଗିରିପଡ଼ା, ଗଞ୍ଜାମର ଶେରଗଡ଼, ଅନୁଗୁଳର ଦାମନଯୋଡ଼ିରେ ନିଶାଦ୍ରବ୍ୟ ନଷ୍ଟ କରିବାର ମେସିନ୍ ଲାଗିଛି। ସେଠାରେ ଲାଗିଥିବା ଇନ୍‌ସିନାରେଟର୍ସ ମେସିନ୍‌ରେ ନିଶାଦ୍ରବ୍ୟକୁ ପକାଇ ନଷ୍ଟ କରାଯାଉଛି। ଏମିତିକି ବିଭିନ୍ନ ଜିଲ୍ଲାରେ ନିଶାଦ୍ରବ୍ୟ ନଷ୍ଟ ସମୟରେ ଏସ୍‌ଟିଏଫ୍ ଏସ୍‌ପିଙ୍କ ସମେତ ଜିଲ୍ଲା ଏସ୍‌ପି, ଜିଲ୍ଲାପାଳ, ଅବକାରୀ ଅଧୀକ୍ଷକ, ରାଜ୍ୟ ଫୋରେନ୍‌ସିକ ଲାବୋରେଟୋରୀର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟ ଉପସ୍ଥିତ ଥିଲେ।

### ପ୍ରକ୍ରିୟା ଆରମ୍ଭ କରିବାକୁ ଲାଗିଥିଲା ୬ ବର୍ଷ

ଏକ ନିଶାଦ୍ରବ୍ୟ ଜବତ ମାମଲାରେ ୨୦୧୬ ଜାନୁଆରୀ ୨୮ ରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କିଛି ବ୍ୟବସ୍ଥାରେ ତ୍ରୁଟି ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁନଥିଲା। ଏଥିଲାଗି ଏସ୍‌ଟିଏଫ୍ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଜାନୁଆରୀ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ। ଉକ୍ତ ଏସ୍‌ଓପିକୁ ପାଳନ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିବାକୁ ପୁଲିସକୁ ଅନୁମତି ଦେବା ଲାଗି ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ।

### ଦେଶୀ ମଦ ନଷ୍ଟରେ ସର୍ବକାଳୀନ ରେକର୍ଡ

ଭୁବନେଶ୍ୱରରେ ଦେଶୀ ମଦର ଭାଟି ରହିଛି। ଏଇଠୁ ଦେଶୀ ମଦ ପ୍ରସ୍ତୁତ କରି ସାରାରାଜ୍ୟକୁ ଚାଲାଣ କରାଯାଉଛି। ସହରର ବସ୍ତିଗୁଡ଼ିକରେ ଦେଶୀ ମଦ ପ୍ରସ୍ତୁତ ହେବାରୁ ଜବତ ପ୍ରକ୍ରିୟା ବି ଜାରି ରଖିଛି ଅବକାରୀ ଟିମ୍। ଗତବର୍ଷ ଭୁବନେଶ୍ୱରରୁ ୧ ଲକ୍ଷ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏତେ ପରିମାଣର ମଦ ରଖିବାକୁ ସ୍ଥାନ ନଥିବାରୁ ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ନଷ୍ଟ କରିଦିଆଯାଇଛି। ମଦର ନମୁନା ରଖିବା ପରେ ତାହାକୁ ନଷ୍ଟ କରାଯାଉଛି। ଦେଶୀ ମଦ ନଷ୍ଟରେ ଅବକାରୀ ଟିମ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି।

## ବାର୍‌ରେ ବାଉନ୍‌ସର୍ ନିଯୁକ୍ତିରେ କଟକଣା

**ଭୁବନେଶ୍ୱର, ୫ ।୨(ସମିସ):** ଟ୍ୱିନ୍ ସିଟିରେ ଥିବା ବାର୍‌ମାନଙ୍କରେ ବାଉନ୍‌ସର୍ ନିଯୁକ୍ତି ଉପରେ କଟକଣା ଲଗାଇଛି କମିସନରେଟ୍ ପୁଲିସ। ଦୁଇମାସ ପର୍ଯ୍ୟନ୍ତ କୌଣସି ବାଉନ୍‌ସର୍ ନିଯୁକ୍ତ କରାଯାଇ ପାରିବ ନାହିଁ ବୋଲି ପୁଲିସ କଡ଼ା ନିର୍ଦ୍ଦେଶ ଜାରି କରିଛି। ବାର୍ ମାଲିକମାନେ ଡିସିପିଙ୍କଠାରୁ ସୁରକ୍ଷାକର୍ମଚାରୀଙ୍କ ସମ୍ପର୍କରେ ଅପରାଧ ପୃଷ୍ଠଭୂମିର ପୂର୍ବ ରେକର୍ଡ ଯାଞ୍ଚ କରିବା ବାଧ୍ୟତାମୂଳକ କରାଯାଇଛି। ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିମାନଙ୍କଠାରୁ ବାର୍‌ମାଲିକମାନେ ସୁରକ୍ଷା କର୍ମଚାରୀ ନିୟୋଜିତ କରିପାରିବେ। ନିୟୋଜିତ କରାଯାଇଥିବା ସୁରକ୍ଷା କର୍ମଚାରୀଙ୍କ ବିଷୟରେ ବାର୍‌ମାଲିକମାନେ ସ୍ଥାନୀୟ ପୁଲିସକୁ ଲିଖିତ ଭାବେ ଜଣାଇବେ। ଆବଶ୍ୟକସ୍ଥଳେ ୧୧୨ନମ୍ବରକୁ କଲ୍‌କରି ଏହି ସୁରକ୍ଷା କର୍ମଚାରୀମାନଙ୍କ ବିଷୟରେ ସୂଚନା ମଧ୍ୟ ଦେଇ ହେବ। କୌଣସି ପରିସ୍ଥିତିରେ ମଧ୍ୟ ଏହି ସୁରକ୍ଷାକର୍ମୀମାନେ ଗ୍ରାହକମାନଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରିପାରିବେ ନାହିଁ। ଯଦି କୌଣସି ବାର୍‌ରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ଆଇନ୍‌କୁ ହାତକୁ ନନେଇ ପୁଲିସକୁ ଜଣାଇବାକୁ କୁହାଯାଇଛି। ଫେବୃୟାରୀ ୬ତାରିଖରୁ ଆସନ୍ତା ଏପ୍ରିଲ ୫ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ପୁଲିସ କମିସନର ସଞ୍ଜୀବ ପଣ୍ଡା କହିଛନ୍ତି।

## ସ୍ୱାମୀ ଆଗରେ ଚାଲିଗଲା ପତ୍ନୀଙ୍କ ଜୀବନ

**ଭୁବନେଶ୍ୱର, ୫।୨ (ସମିସ):** ସୋମବାର ରସୁଲଗଡ଼ ଫ୍ଲାଏଓଭର ତଳେ ଓ ଡିଏନ୍ ରିଗାଲିଆ ଫ୍ଲାଏଓଭର୍ ଉପରେ ଦୁଇଟି ଦୁର୍ଘଟଣା ଘଟିଥିବାବେଳେ ଦୁଇଜଣ ପ୍ରାଣ ହରାଇଛନ୍ତି। ଟ୍ରକ୍ ଧକ୍କା ଦେବାରୁ ସ୍ୱାମୀଙ୍କ ଆଖି ଆଗରେ ପ୍ରାଣ ହରାଇଛନ୍ତି ପତ୍ନୀ। ମୃତା ମହିଳା ହେଉଛନ୍ତି ପଞ୍ଚସଖା ନଗରରେ ରହୁଥିବା କେନ୍ଦ୍ରାପଡ଼ାର ତନୁଶ୍ରୀ ରାଉତ (୩୫)। ତନୁଶ୍ରୀ ଓ ତାଙ୍କ ସ୍ୱାମୀ ହେମନ୍ତ ସ୍କୁଟି ଯୋଗେ କେନ୍ଦ୍ରାପଡ଼ା ଯାଉଥିଲେ। ସେମାନେ ରସୁଲଗଡ଼ ଫ୍ଲାଏଓଭର ତଳେ ହୋଇଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମାମଲା ରୁଜୁ କରି ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ତନୁଶ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଭୁବନେଶ୍ୱର - ଖୋର୍ଦ୍ଧା ରାସ୍ତାର ଡିଏନ୍ ରିଗାଲିଆ ଫ୍ଲାଏଓଭର ଉପରେ ଜଣେ ବାଇକ୍ ଆରୋହୀଙ୍କୁ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ସେ ପ୍ରାଣ ହରାଇଛନ୍ତି। ତାଙ୍କ ପରିଚୟ ମିଳିନଥିବା ବେଳେ ଗାଡ଼ିର ରେଜିଷ୍ଟ୍ରେସନ ନମ୍ବର ଆଧାରରେ ପୁଲିସ ତାଙ୍କ ପରିଚୟ ପାଇବା ଲାଗି ଉଦ୍ୟମ କରୁଛି। ଦୁର୍ଘଟଣା ଘଟାଇଥିବା ପିକପ୍ ଭ୍ୟାନ ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖିଛି। ସୂଚନାଯୋଗ୍ୟ ଯେ ଗତ ୫ଦିନ ମଧ୍ୟରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୪୫ଟି ଦୁର୍ଘଟଣା ଘଟିଛି। ସେଥିମଧ୍ୟରୁ ୪ଜଣ ପ୍ରାଣ ହରାଇଛନ୍ତି।

## ଯୁବକଙ୍କ ମୁଣ୍ଡକୁ ପଥରରେ ଛେଚି ଦେଲେ

**ଭୁବନେଶ୍ୱର, ୫।୨(ସମିସ):** ସାମାନ୍ୟ ବଚସାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ ହୋଇଛି। ୩ ଜଣ ମିଶି ଜଣେ ଯୁବକଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ସୁନ୍ଦରପଦା ଚମ୍ପତି ସାହିର ପପୁନି ଜେନା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଘଟଣାର ୩ ଦିନ ପରେ ଜଣେ ସହଯୋଗୀକୁ ଗିରଫ କରିଛି ଏୟାରଫିଲ୍ଡ

- **ସହଯୋଗୀ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର**
- **ଜେଜେବିରେ ହାଜର ହେଲେ ନାବାଳକ**

ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏବରଙ୍ଗରେ ରହୁଥିବା ବାଲେଶ୍ୱରର ଗଣେଶ ସିଂହ (୧୯)। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ସେପଟେ ମୁଖ୍ୟ ଅଭିଯୁକ୍ତ କପିଳପ୍ରସାଦ ଭୋଇ ସାହିର ଅଭିଷେକ ଭୋଇ ପାଖରେ ପୁଲିସ ପହଞ୍ଚି ପାରିନାହିଁ। ଗତ ଗୁରୁବାର ବିଳମ୍ବିତ ରାତିରେ ପପୁନି ଓ ତାଙ୍କ ସାଙ୍ଗ ସୁନ୍ଦରପଦା ବାପୁଜୀ କ୍ଲବ୍ ନିକଟରେ ଛିଡ଼ା ହୋଇଥିବା ବେଳେ କପିଳପ୍ରସାଦର ଅଭିଷେକ, ଗଣେଶ ଓ ନାବାଳକ ସହଯୋଗୀ ସେହି ରାସ୍ତା ଦେଇ ଯାଉଥିଲେ। ଏତେ ରାତିରେ କୁଆଡ଼େ ଯାଉଛ ବୋଲି ପାପୁନି ସେମାନଙ୍କୁ ପଚାରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହିତ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ୩ଜଣ ମିଶି ପପୁନିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପପୁନି ତଳେ ପଡ଼ିଯିବା ପରେ ଅଭିଷେକ ଏକ କଂକ୍ରିଟ ପଥର ଆଣି ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ପପୁନି ଚେତା ହରାଇବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପପୁନିଙ୍କ ସାଙ୍ଗଙ୍କ ଠାରୁ ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କ୍ୟାପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଉଛି। ପପୁନିଙ୍କ ଦାଦା କ୍ଷେତ୍ର ଜେନା ଏ ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଭୁବନେଶ୍ୱର ବାହାରେ ଚଢ଼ଉ କରି ଗଣେଶ ଓ ନାବାଳକଙ୍କୁ ଠାବ କରିଥିଲା। ସୋମବାର ଗଣେଶକୁ କୋର୍ଟ ଚାଲାଣ କରିଛି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଅଭିଷେକ ଧରାପଡ଼ିନାହିଁ।

## ବାଇକ୍ ଚାଳକଙ୍କୁ ଆକ୍ରମଣ

**ଭୁବନେଶ୍ୱର, ୫।୨(ସମିସ):** ରାସ୍ତାରେ ସାଇଡ୍ ମାଗି ବାଇକ୍ ଚାଳକଙ୍କୁ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗନ୍ନାଥ ନଗରରେ ରହୁଥିବା ଖୋର୍ଦ୍ଧା କୁହୁଡ଼ି ଅଞ୍ଚଳର ତାପସ କୁମାର ଜେନା (୨୫)। ପୁଲିସ ସୂଚନା ମୁତାବକ, ଜଗନ୍ନାଥ ନଗରର ବିକ୍ରମ ମୂଳିଆ ଗତ ଗୁରୁବାର ରାତିରେ ନିକଟସ୍ଥ ବଜାରରୁ ମେଡିସିନ ନେଇ ବାଇକ ଯୋଗେ ଘରକୁ ଫେରୁଥିଲେ। ସେ ଜଗନ୍ନାଥ ନଗର ଅନ୍ତର୍ଗତ ରୋଡ୍ ନମ୍ବର-୭ରେ ଥିବା ମାର୍ଥା ଟ୍ରେଡର୍ସ ନିକଟରେ ହୋଇଥିବାବେଳେ ତାପସ ଓ ତା'ର ସହଯୋଗୀମାନେ ନିଶାସକ୍ତ ଅବସ୍ଥାରେ ପଛ ପାଖରୁ ଆସି ରାସ୍ତା ଦେବାଲାଗି କହିବା ସହିତ ହଠାତ୍ ତାଙ୍କୁ ଗାଳିଗୁଲଜ କରିଥିଲେ। ବିକ୍ରମ ବିରୋଧ କରିବାରୁ ପାଖରେ ପଡ଼ିଥିବା ଏକ ପଥରରେ ତାପସ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା। ଫଳରେ ବିକ୍ରମଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା।

**● ଆପାର୍ଟମେଣ୍ଟରେ ହାଇଡ୍ରାମା**

## ପାରିବାରିକ ଝଗଡ଼ାକୁ ବିରୋଧ କରିବାରୁ ମାଡ଼

**ଭୁବନେଶ୍ୱର, ୫ ।୨(ସମିସ):** ମଞ୍ଚେଶ୍ୱର ଥାନା କଳାରାହାଙ୍ଗ ସତ୍ୟବାଦୀ ଆପାର୍ଟମେଣ୍ଟରେ ପାରିବାରିକ ଗଣ୍ଡଗୋଳକୁ ରୋକିବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି କିଛି ବାସିନ୍ଦା। ଆପାର୍ଟମେଣ୍ଟରେ ରହୁଥିବା ଗୋଟିଏ ପରିବାରର ଜଣେ ବ୍ୟକ୍ତି ଝଗଡ଼ା କରୁଥିଲେ। ଏପରିକି ଚିତ୍କାର କରି ଖରାପ ଭାଷାରେ ଗାଳି କରୁଥିଲେ। ଏହାଶୁଣି ଆପାର୍ଟମେଣ୍ଟବାସୀ ପଦାକୁ ଆସି ଏହାକୁ ବିରୋଧ କରିଥିଲେ। ଏଥିରେ ରାଗିଯାଇ ଉକ୍ତ ପରିବାର ଲୋକ ଆପାର୍ଟମେଣ୍ଟବାସୀଙ୍କୁ ନିର୍ଘାତ ମାଡ଼ ମାରିଥିଲେ। ଏ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି ଆପାର୍ଟମେଣ୍ଟବାସୀ। ପୁଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ ଗତକାଲି ରାତିରେ ସେହି ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କୀୟ ନିଜ ପରିବାର ସହ ଝଗଡ଼ା କରୁଥିଲେ। ଆପାର୍ଟମେଣ୍ଟବାସୀ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ମାଡ଼ ମାରିବା ସହ ଗାଳିଗୁଲଜ ମଧ୍ୟ କରିଥିବା ଅଭିଯୋଗ ହୋଇଛି।

## ଥାନା ଭିତରେ ଦୁଇ ଗୋଷ୍ଠୀ ପିଟାପିଟି

**ଭୁବନେଶ୍ୱର, ୫ ।୨(ସମିସ):** ଲକ୍ଷ୍ମୀସାଗର ଥାନା ଭିତରେ ଦୁଇ ଗୋଷ୍ଠୀ ପିଟାପିଟି ହୋଇଛନ୍ତି। ଥାନାରେ ଥିବା ପୁଲିସ ଷ୍ଟାଫ୍ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ପୁଲିସକୁ ମଧ୍ୟ ଠେଲାପେଲା କରିଥିଲେ। ଶେଷରେ ଉଭୟ ଗୋଷ୍ଠୀଙ୍କୁ କାବୁ କରି ଥାନାରେ ବସାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଥାନାରେ ଦୁଇ ପକ୍ଷରୁ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି। ଲକ୍ଷ୍ମୀସାଗର ଗ୍ରାମର ଗୋଟିଏ ଗୋଷ୍ଠୀ ଦୋକାନକୁ ଯାଇଥିଲେ। ଅନ୍ୟ ଏକ ଗୋଷ୍ଠୀ ଉକ୍ତ ଦୋକାନକୁ ଯାଇ କିଛି ସାମଗ୍ରୀ ଆଣିବା ଭିତରେ ଘସି ହୋଇଯାଇଥିଲେ। ଏହାକୁ ନେଇ ସେଠାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା ମାରପିଟ୍ ହୋଇଥିଲେ। ପିସିଆର ପହଞ୍ଚି ଉଭୟଙ୍କୁ ଥାନାକୁ ଆଣିଥିଲେ। ହେଲେ ସେମାନେ ଥାନା ଭିତରେ ଯୁକ୍ତିତର୍କ ହୋଇ ପୁଣି ପୁଲିସ ଆଗରେ ମାରପିଟ୍ ଲାଗିଥିଲେ।

**ବିପଦରେ ଆପାର୍ଟମେଣ୍ଟର ସୁରକ୍ଷା**

# ଲୁଟେରାଙ୍କୁ ବଳ ଯୋଗାଉଛନ୍ତି ସୁରକ୍ଷାକର୍ମୀ

**ଭୁବନେଶ୍ୱର, ୫ ।୨(ସମିସ):**

ରାଜଧାନୀରୁ ଚୋରି, ଲୁଟ୍ ହେବା ନୂଆକଥା ନୁହେଁ; କିନ୍ତୁ ସବୁଠାରୁ ସୁରକ୍ଷିତ ଅବାସସ୍ଥଳ କୁହାଯାଉଥିବା ଆପାର୍ଟମେଣ୍ଟକୁ ଏବେ ଟାର୍ଗେଟ୍ କରୁଛନ୍ତି ଲୁଟେରା। ଆପାର୍ଟମେଣ୍ଟ ଲୁଟ୍ ପଛରେ ରାଜ୍ୟ ବାହାର ଅପରାଧୀ ଓ ସ୍ଥାନୀୟଙ୍କ ସମ୍ପୃକ୍ତି ପଦାକୁ ଆସିଛି। କିନ୍ତୁ ଏହାପଛରେ ଆପାର୍ଟମେଣ୍ଟ ସୁରକ୍ଷାକର୍ମୀଙ୍କ ଖାମଖିଆଲ ମନୋଭାବ ପଦାକୁ ଆସିଛି। ସୁରକ୍ଷା ସମ୍ପୂର୍ଣ୍ଣ ଢିଲା ଥିବାରୁ ଅନାୟାସରେ ଅସାମାଜିକ ବ୍ୟକ୍ତିମାନେ ପ୍ରବେଶ କରୁଛନ୍ତି। ଆପାର୍ଟମେଣ୍ଟରୁ ଲୁଟ୍ ହେବା ପଛରେ ସୁରକ୍ଷାକର୍ମୀମାନଙ୍କ କାର୍ଯ୍ୟରେ ଅବହେଳାକୁ ଦାୟୀ କରାଯାଇଛି। କିଛିଦିନ ତଳେ ଧରାପଡ଼ିଥିବା ରାଜ୍ୟ ବାହାର ଫୌଜୀ ଗ୍ୟାଙ୍ଗ୍‌ର ୨ଅପରାଧୀ ଧରାପଡ଼ିବା ପରେ ଆପାର୍ଟମେଣ୍ଟ ଲାଗିଥିବା ସିସିଟିଭିରେ ସୁରକ୍ଷାକର୍ମୀ କିଭଳି ବେପରୁଆ ଭାବେ ଡ୍ୟୁଟି କରିଥିଲେ ତାହା ପଦାକୁ ଆସିଥିଲା। ସୁରକ୍ଷାରେ ଅତ୍ୟନ୍ତ ତ୍ରୁଟି ଓ ସୁରକ୍ଷାକର୍ମୀମାନେ ଆପାର୍ଟମେଣ୍ଟରୁ ଲୁଟ୍ ଲାଗି ଲୁଟେରାଙ୍କ ସହ ହାତ ମିଳାଉଥିବାରୁ ଦୁଇମାସ ହେବ ଅନବରତ ଭାବେ ଚୋରି ବଢ଼ିଚାଲିଛି। ରାଜଧାନୀର ୩୦ଟି ଆପାର୍ଟମେଣ୍ଟର ୫୦ ଫ୍ଲାଟରୁ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଚନ୍ଦକା, ଇନ୍‌ଫୋସିଟି, ଭରତପୁର, ମଞ୍ଚେଶ୍ୱର, ପାହାଳ, ଚନ୍ଦ୍ରଶେଖରପୁର, ଶ୍ରୀଲିଙ୍ଗରାଜ, ନୂଆପଲ୍ଲୀ ଆଦି ଥାନା ଅଞ୍ଚଳରେ ଆପାର୍ଟମେଣ୍ଟଗୁଡ଼ିକରୁ ବଡ଼ଧରଣର ଲୁଟ୍ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୧୧ କୋଟି ଟଙ୍କାର ସମ୍ପତ୍ତି ଲୁଟ୍ ହୋଇଥିବା ଜଣାପଡ଼ିଛି।

ପୁଲିସର କହିବା ଅନୁଯାୟୀ, ଆପାର୍ଟମେଣ୍ଟରେ ବିଭିନ୍ନ ଘରୋଇ ସଂସ୍ଥା ପକ୍ଷରୁ ନିଯୁକ୍ତ ସୁରକ୍ଷା କର୍ମୀଙ୍କୁ ଅନତ୍ର ବଦଳି କରାଯାଉଛି ଅଥବା ସେମାନେ ଚାକିରି ଛାଡ଼ି ଦେଉଛନ୍ତି। ସେମାନେ କାର୍ଯ୍ୟରେ ଥିବା ସମୟରେ ଆପାର୍ଟମେଣ୍ଟ ସମ୍ପର୍କରେ ସବିଶେଷ ତଥ୍ୟ ଲୁଟେରାଙ୍କୁ ଦେଉଛନ୍ତି। ଏମିତି କି ଲୁଟେରାଙ୍କ ସହ ହାତ ମିଳାଇ ଆପାର୍ଟମେଣ୍ଟରୁ ଲୁଟିବାକୁ ଏକ ନକ୍ସା ପ୍ରସ୍ତୁତ କରୁଛନ୍ତି। ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରୁ ଚୋରି ପଛରେ ପୂର୍ବତନ ସୁରକ୍ଷାକର୍ମୀଙ୍କ ହାତ ରହିଥିବା ସ୍ପଷ୍ଟ ହେବା ପରେ କମିସନରେଟ୍ ପୁଲିସର ଚିନ୍ତା ଆହୁରି ବଢ଼ିଛି। ଆପାର୍ଟମେଣ୍ଟ ଲୁଟ୍ ପଛରେ ସମ୍ପୃକ୍ତ ସୁରକ୍ଷାକର୍ମୀ ସହ ଅନ୍ୟ ଅପରାଧୀମାନେ ଫେରାର୍ ରହିଛନ୍ତି। ସେପଟେ ଆପାର୍ଟମେଣ୍ଟ ଚୋରି ହେବା ଘଟଣା ପୁଲିସ ଲାଗି ଆହ୍ୱାନ ହୋଇଛି। ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ଏକ ଟିମ୍ ଗଠନ ହୋଇଛି। ଆପାର୍ଟମେଣ୍ଟରୁ ଚୋରି ବିଷୟରେ ପଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରାଯାଉଛି ବୋଲି ପୁଲିସ କହିଛି।




**ଦୁଇମାସ ଭିତରେ ନେଇଗଲେଣି ୧୧ କୋଟି**

### ଅଧାରେ ରହିଗଲା ଝିଅ ବାହାଘର

ଝିଅ ବାହାଘର ଲାଗି ବ୍ୟାଙ୍କରୁ ଟଙ୍କା ଉଠାଇ ଆଣି ଘରେ ରଖିଥିଲେ। ସେହି ଟଙ୍କାରେ କିଛି ଗହଣା ମଧ୍ୟ କିଣି ଘରେ ରଖିଥିଲେ। ଝିଅ ବାହାଘରର ନିର୍ବନ୍ଧ ସରିଥିବା ବେଳେ ବିବାହ ଧାର୍ଯ୍ୟ ତାରିଖ ଅପେକ୍ଷାରେ ରହିଥିଲେ ପରିବାର ଲୋକେ। ବିବାହକୁ ଆଉ ଦୁଇ ସପ୍ତାହ ବାକି ଥିବାବେଳେ ବିବାହ କାର୍ଡ ବି ବଣ୍ଟନ ଆରମ୍ଭ ହୋଇଥିଲା। ମାତ୍ର ଆପାର୍ଟମେଣ୍ଟରେ ପଶି ଲୁଟେରାମାନେ ଟଙ୍କା ଓ ସୁନାଗହଣା ଲୁଟି ନେଇଥିଲେ। ଫଳରେ ଝିଅ ବାହାଘର ଅଧାରେ ଅଟକି ଯାଇଥିଲା। ଇନ୍‌ଫୋସିଟି ଥାନା ଅଞ୍ଚଳରୁ ଏକ ଆପାର୍ଟମେଣ୍ଟରୁ ଝିଅ ବାହାଘର ଲାଗି ରଖିଥିବା ୫୦ ଲକ୍ଷର ସୁନାଗହଣା ଓ ଟଙ୍କା ଲୁଟ୍ ହୋଇଥିଲା।

### କିଛି ବଡ଼ଧରଣର ଆପାର୍ଟମେଣ୍ଟରୁ ରାହାଜାନି

- ଏୟାରଫିଲ୍ଡ ଥାନା ସ୍ୱସ୍ତି ମନ୍‌ସନ୍ ଆପାର୍ଟମେଣ୍ଟରୁ ଉତ୍ତମ କୁମାର ମହାପାତ୍ରଙ୍କ ଘରୁ ୬ଲକ୍ଷର ସୁନାଗହଣା ଓ ୨୦ହଜାର ଟଙ୍କା ଲୁଟ୍ ହୋଇଛି।
- ପାହାଳ ଥାନା ଅଧୀନ କଲ୍ୟାଣୀ ହାଇଟ୍ସ ଆପାର୍ଟମେଣ୍ଟର ୩ଟି ଫ୍ଲାଟରୁ ଲୁଟ୍ ହୋଇଛି। ଦୁଇ ଜଣ ସରକାରୀ କର୍ମଚାରୀଙ୍କ ସମେତ ୩ଜଣଙ୍କ ଘରୁ ୩୦ ଲକ୍ଷର ସୁନାଗହଣା ଓ ଟଙ୍କା ଲୁଟ୍‌ପାଟ୍ ହୋଇଛି।
- ଚନ୍ଦ୍ରଶେଖରପୁର ରୟାଲ ଗାର୍ଡେନର ୨ଟି ଫ୍ଲାଟ୍‌ରୁ ଚୋରି ହୋଇଛି। ରାତିରେ ଆସି ପାଚେରି ଡେଇଁ ବୋଲକୋନିରୁ ୫ ଲକ୍ଷ ଟଙ୍କାର ହୀରା ଓ ସୁନା ଅଳଙ୍କାର ଲୁଟ୍ ହୋଇଛି।
- ଚନ୍ଦକା ଏସ୍‌ଓଜି ନିକଟସ୍ଥ ତୁଳସାଦେଇପୁର ସାଇ ନୀଳୟ ଆପାର୍ଟମେଣ୍ଟରେ ରହୁଥିବା ପୁଲିସ କନଷ୍ଟେବଳ ପଦ୍ମଲୋଚନ ମହାନ୍ତି ଓ ବ୍ୟାଙ୍କ୍ କର୍ମଚାରୀ ପ୍ରସନ୍ନ ମହାରଣାଙ୍କ ଘରୁ ପ୍ରାୟ ୮ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍ ହୋଇଛି।
- ଭରତପୁର ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରୁ ବଡ଼ଧରଣ ଲୁଟ୍ ହୋଇଥିଲା। ବରିଷ୍ଠ ନାଗରିକ ତ୍ରିଲୋଚନ ଦାସ ତୀର୍ଥ କରି ବଦ୍ରିନାଥ ଯାଇଥିବା ବେଳେ ତାଙ୍କ ଘରୁ ୬ଲକ୍ଷର ସୁନାଗହଣା ଲୁଟ୍ ହୋଇଛି।
- ଚନ୍ଦକା ଥାନା ଅନ୍ଧାରୁଆରେ ଏମ୍.ଜେ ଉଡ୍ ଆପାର୍ଟମେଣ୍ଟ ଥିବା ଏକ ଫ୍ଲାଟରୁ ଚୋରି ହୋଇଥିଲା। ଘରେ କେହି ନ ଥିବାବେଳେ ଲକ୍ଷାଧିକ ଟଙ୍କାର କଳାକନା ବୁଲାଇଥିଲେ ଦୁର୍ବୃତ୍ତ।
- ଇନ୍‌ଫୋସିଟି ଥାନା ପଛପଟେ ଥିବା ରାଜବଟିକା ଆପାର୍ଟମେଣ୍ଟ ୪ଟି ଫ୍ଲାଟରୁ ସିରିଜ ଚୋରି ହୋଇଥିଲା। ଗୋଟିଏ ରାତିରେ ୨ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଲୁଟି ନେଇଥିଲେ ଦୁର୍ବୃତ୍ତ।
- ଭରତପୁର ଥାନା ଅଧୀନ ଶ୍ରୀକ୍ଷେତ୍ର ରେସିଡେନ୍ସିର ଦୁଇଟି ଫ୍ଲାଟରେ କୋଟିଏ ଟଙ୍କା ଲୁଟି ନେଇଥିଲେ। ଆଲମାରିରୁ ଥିବା ସୁନାଗହଣା ସହ ଦାମୀ ଆସବାବପତ୍ର ଲୁଟି ନେଇଥିଲେ ଦୁର୍ବୃତ୍ତ।
- ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ପଶି ଲୁଟ୍‌ପାଟ୍ କରିଥିଲେ ନାବାଳକ। ଏପରିକି ଫୋନ୍ ଲୁଟିବା ପରେ ଫୋନ୍ ପେ'ରୁ ଟଙ୍କା ଉଠାଇ ଦେଇଥିଲେ ଲୁଟେରା ଗ୍ୟାଙ୍ଗ୍।



ଏକାମ୍ର ଉତ୍ସବ



# ଧୁମ୍ ମଚାଇଲେ ସନମ୍



**ଭୁବନେଶ୍ୱର, ୫।୨(ସମିସ):** ଏକାମ୍ର ଉତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରଦର୍ଶନୀ ପଡ଼ିଆର ମାହୋଲ ଉଷ୍ମ ହୋଇଯାଇଛି। ସନମ୍ ପୁରୀଙ୍କ ଲାଇଭ୍ ସୋ ଯୋଗୁଁ ବଢ଼ିଥିଲା ଭିଡ଼। ଷ୍ଟେଜ୍‌ର ଅନ୍ଧାର ମଧ୍ୟରେ ଡିଜେର ପ୍ରଥମ ସାଉଣ୍ଡରୁ ହୋ... ହୋ... ହୋ... ହୋ... ଚିଲ୍ଲେଇବା ଆରମ୍ଭ କରିଥିଲେ ଦର୍ଶକ। ଷ୍ଟେଜ୍‌ରୁ ଶୁଣିବାକୁ ମିଳିଥିଲା କ୍ୟା ହୁଆ ତେରା ୱାଦା .... ସଙ୍ଗୀତ। ଏହି ଗୀତ ଶୁଣି ଶ୍ରୋତା ଜାଣି ଯାଇଥିଲେ ମଞ୍ଚରେ କିଏ ଗୀତ ଗାଉଛନ୍ତି। ୨୦୧୪ରେ ଖୁବ୍ ଆଦର ଲାଭ କରିଥିବା ଏହି ଗୀତକୁ ସନମ୍ ପୁରୀ ଓ ତାଙ୍କ ସାଥୀ କଳାକାରମାନେ ଏକ ଭିନ୍ନ ଢଙ୍ଗରେ ପରିବେଷଣ କରିଥିଲେ। ଏହା ପରେ ସନମଙ୍କ ଗୀତରେ ସମସ୍ତେ ମତୁଆଲା ହୋଇଥିଲେ। ସୋମବାର ବିଡିଏ ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବର ତୃତୀୟ ସନ୍ଧ୍ୟାରେ ସନମ ପୁରୀ ଲାଇଭ ବ୍ୟାଣ୍ଡର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସନମ୍‌ଙ୍କୁ ଲାଇଭ ଦେଖିବା ପାଇଁ ପ୍ରାୟ ୩ରୁ ୪ ହଜାର ଶ୍ରୋତା ଉପସ୍ଥିତ ଥିଲେ। ଗୁଲାବି ଆଖେଁ ଜୋ ତେରୀ ଦେଖି... ହେ ଆପନା ଦିଲ ତୋ ଆୱାରା... ଲଗ୍ ଯା ଗଲେ... ୟେ ରାତେଁ ୟେ ମୋସମ୍ ନଦୀକା କିନାରା ଚଞ୍ଚଲ୍ ହାୱା... ଲିଖେ ଜୋ ଖତ୍ ତୁଝେ... ମେରେ ସାମ୍ନେ ୱାଲି ଖିଡ଼କି ପେ... ଅପକି ନଜରୋ ନେ ସମଝା...ଭଳି ସୁନ୍ଦର ସୁନ୍ଦର୍ ଗୀତ ଗାଇ ଶ୍ରୋତାଙ୍କ ହୃଦୟ ଜିତିଥିଲେ। ସନମ୍ ଓ ତାଙ୍କ ବ୍ୟାଣ୍ଡର ପ୍ରଦର୍ଶନ ଖୁବ୍ ଉଚ୍ଚକୋଟୀର ଥିଲା। ତାଙ୍କ ଟିମରେ ସମର୍ ପୁରୀ, ଭେଙ୍କି ଏସ୍, କେଶବ ଧନରାଜ ଥିଲେ। ଲାଇଭ୍ ସୋ'ରେ ଦର୍ଶକ ସେମାନଙ୍କ ଭାବ ବେଗକୁ ସମ୍ଭାଳି ନ ପାରି ଛିଡ଼ା ହୋଇଯାଇଥିଲେ। ଗୀତର ତାଳେ ତାଳେ ବିଭିନ୍ନ ଅଙ୍ଗଭଙ୍ଗୀରେ ନାଚି ନାଚି ମତୁଆଲା ହୋଇଥିଲେ। ଅନ୍ୟ ପକ୍ଷରେ ଓଡ଼ିଆ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତାଙ୍କ ସୁରିଲା କଣ୍ଠରେ ସଙ୍ଗୀତ ସବୁ ଦର୍ଶକଙ୍କୁ ବେଶ୍ ଛୁଇଁଥିଲା। ମୁହାଁ ମୁହିଁ ଦେଖା ହେଲେ, ଓରେ ଦିଲନସି, ତୋର ମୋର ଏ ପ୍ରେମ କାହାଣୀ, ତୋ କଥା ମନେ ପଡୁଛି, ହେଲା ହେଲା ପ୍ରେମ ମୋତେ, ଭଲ ଲାଗୁଛୁ ତୁ ଭଳି ଓଡ଼ିଆ ଗୀତ ଗାଇଥିଲେ।

## 'ଜୟ ଜଗନ୍ନାଥ'

କାର୍ଯ୍ୟକ୍ରମ ଶେଷରେ ଏକାମ୍ର ଉତ୍ସବ ମଞ୍ଚରେ ଗୁଞ୍ଜରି ଉଠିଲା ଜୟ ଜଗନ୍ନାଥ ନାରା। ସନମ ପୁରୀ ଓ ତାଙ୍କ ଟିମ୍ ଜୟ ଜଗନ୍ନାଥ ନାରା ଦେଇ ବିଶ୍ୱ ବିଖ୍ୟାତ ଠାକୁରଙ୍କୁ ଡାକିଥିଲେ। ତାଙ୍କ ସହ ଅତିଥି ଏବଂ ଦର୍ଶକମାନେ ମଧ୍ୟ ଜୟ ଜଗନ୍ନାଥ ନାରା ଲଗାଇଥିଲେ। ଏଠାରେ ଭିନ୍ନ ଏକ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଅତିଥି ଭାବେ ଯୋଗଦେଇଥିଲେ।



## ଗପ ସହ ପୌରାଣିକ ଗାଥା ଶୁଣିଲେ ପିଲା

**ଭୁବନେଶ୍ୱର, ୫।୨(ସମିସ):** ଧୋ'ରେ ବାଇଆ ଧୋ, ଯୋଉ କିଆରିରେ... । ମା' ମୁହଁରୁ ଏ ମିଠା ମିଠା ଗୀତ ପଦକ ଶୁଣି ଓ ମା'ର ପଣତ କାନିଟି ଘୋଡ଼େଇ ହୋଇଗଲେ ଶିଶୁଟି ନିଶ୍ଚିନ୍ତ ମନରେ ଶୋଇପଡ଼େ। ମା'ର ଏଇ କେଇପଦ ଶବ୍ଦ ହିଁ ଆମର ମାତୃଭାଷା। ଅବଦୁଲ କଲାମ ପାର୍କରେ ଏପରି କିଛି କହି କାହାଣୀକାର ଶାଶ୍ୱତୀ ପଟ୍ଟନାୟକ ଉତ୍ସବର ଶେଷ ଦିନରେ କୁନିକୁନି ପିଲାଙ୍କୁ କାହାଣୀମନସ୍କ କରିଦେଇଥିଲେ। ପରେ କାହାଣୀକାର ମୀରା ଦାସ ଆରମ୍ଭ କରିଥିଲେ ତିନି ସାଙ୍ଗଙ୍କ କାହାଣୀ। ଯେଉଁଠି ତିନି ସାଙ୍ଗ ବାହାରନ୍ତି ତୀର୍ଥରେ। ସେମାନଙ୍କ ମଧ୍ୟରେ ଜଣେ ଅପାଠୁଆ। ସେଥିପାଇଁ ଅନ୍ୟ ଦୁଇ ସାଙ୍ଗ ବୋକା ଓ ନିରୀହ ବୋଲି ଭାବୁଥିଲେ। ତୀର୍ଥରେ ଗଲାବେଳେ ବାଟରେ ସମସ୍ତଙ୍କ ଖାଦ୍ୟ ସାମଗ୍ରୀ ଶେଷ ହୋଇଯାଇଥିଲା। ସମସ୍ତେ ଚିନ୍ତାରେ ଥିବାବେଳେ ଅପାଠୁଆ ସାଙ୍ଗ ପାଖ ଗାଁକୁ ଯାଇ ଭିକ୍ଷା ମାଗି କିଛି ଖାଇବା ଆଣିଲା। ତିନି ଜଣ ସେତିକି ଖାଦ୍ୟ ଖାଇବେ କେମିତି ବୋଲି ଭାବୁଭାବୁ ଅନ୍ୟ ଦୁଇଜଣ ଠକିବାକୁ ଚେଷ୍ଟା କଲେ। ହେଲେ ଶେଷରେ ତୃତୀୟ ଯୁବକର ଉପସ୍ଥିତ ବୁଦ୍ଧି ତାକୁ ଠକାମିରୁ ବଞ୍ଚାଇ ଦେଲା। ଅନ୍ୟ ଦୁଇ ଜଣଙ୍କୁ ଉଚିତ ଶିକ୍ଷା ମଧ୍ୟ ଦେଲା ଯେ କାହା ବେଶ ପୋଷାକ ଦେଖି କେବେ ବୋକା ଭାବିବା ଉଚିତ୍ ନୁହଁ। ଏପରି କିଛି ଶିକ୍ଷଣୀୟ ଗପ ଶୁଣାଇଥିଲେ। ପରେ ଯଶସ୍ୱିନୀ ମହାପାତ୍ର, ସମ୍ପଦ ମହାପାତ୍ର, ରିତେନ ପଟ୍ଟନାୟକ ଓ ସୁଜାତା ପ୍ରିୟମ୍ବଦା କାହାଣୀ କହିଥିଲେ। ଅବଦୁଲ କଲାମ ପାର୍କ ସହିତ ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧ ପାର୍କ ଓ କଳାଭୂମିରେ ମଧ୍ୟ ପୌରାଣିକ, ଶିକ୍ଷଣୀୟ କାହାଣୀ କହିଥିଲେ କାହାଣୀକାର।

## ଆଜି ଲୋକାର୍ପିତ ହେବ ଲିଙ୍କ୍ ବିଲ୍ଡିଂ

**ଭୁବନେଶ୍ୱର, ୫।୨(ସମିସ):** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବହୁ ପ୍ରତୀକ୍ଷିତ ଲିଙ୍କ୍ ବିଲ୍ଡିଂ ଯାତ୍ରୀ ସେବା ପାଇଁ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ୮୭.୨୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଲିଙ୍କ୍ ବିଲ୍ଡିଂକୁ ମଙ୍ଗଳବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଭିକେ ସିଂହ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବେ। ଏହି ଲିଙ୍କ୍ ବିଲ୍ଡିଂ ବିମାନବନ୍ଦରର ମୁଖ୍ୟ ପ୍ରବେଶ ପଥ ଭାବେ ବ୍ୟବହାର କରାଯିବ। ନୂଆ କୋଠାରେ ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିବ।

## ଗୋପାଳ ଲାହିରୀଙ୍କୁ ପ୍ରଥମ 'ଜୟନ୍ତ ମହାପାତ୍ର ଜାତୀୟ ପୁରସ୍କାର'

**ଭୁବନେଶ୍ୱର, ୫।୨(ସମିସ):** ଭୁବନେଶ୍ୱରରେ ଦ୍ୱିତୀୟ ତୋଷାଳି ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ସାନ୍ତାଳୀ ଲେଖିକା ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା ଭାଷାର ଭିନ୍ନତା ସତ୍ତ୍ୱେ ସାହିତ୍ୟ ସବୁବେଳେ ସମ୍ବେଦନତାର ବାର୍ତ୍ତା ଦେଇଥାଏ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଡଃ ସୁବୋଧ ସରକାର କହିଥିଲେ ସାହିତ୍ୟ ଭୌଗୋଳିକ ସୀମାରେଖାରେ ଆବଦ୍ଧ ନୁହେଁ। ଅନ୍ୟତମ ଅତିଥି କବି ଡଃ ଆଶୁତୋଷ ପରିଡ଼ା, କଥାକାର ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ଗୋପାଳ ଲାହିରୀଙ୍କୁ ପ୍ରଥମ ଜୟନ୍ତ ମହାପାତ୍ର ଜାତୀୟ ପୁରସ୍କାର ପ୍ରଦାନ କରା ଯାଇଥିଲା। ଏ ବାବଦକୁ ତାଙ୍କୁ ମାନପତ୍ର, ଉପଢୌକନ



ଓ ପଚାଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉତ୍ସବର ନିର୍ଦ୍ଦେଶକ ପରେଶ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆୟୋଜକ ଉଦୟଗିରୀ ଫାଉଣ୍ଡେସନର ଅଧ୍ୟକ୍ଷ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଇଲ୍‌ହାମ ହୋସେନ, ବସନ୍ତ କୁମାର ପଣ୍ଡା, ଭଗବାନ ଜୟସିଂହ, ଦିଲ୍ଲୀପ ମହାପାତ୍ର, ସିଦ୍ଧାନ୍ତ ଦାସ, ଦୀପକ ସାମନ୍ତରାୟ, ସଂଗ୍ରାମ ଜେନା, ଜୟନ୍ତୀ ରଥ, ଶଶୀପ୍ରଭା ବିନ୍ଧାଣୀ, ଜୟଦୀପ ଷଡଙ୍ଗୀ, ହିରଣ୍ମୟୀ ମିଶ୍ର, ନନ୍ଦିନୀ ମିତ୍ର, ରାଜର୍ଷୀ ପାତ୍ରନବୀଶ, ଶୁଶମିନ୍ଦରଜୀତ କାଉର, ମୀରା ସିଂ ସବିତା, ରଣଜୀତ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନ ସନ୍ଧ୍ୟାରେ ବିୟତପ୍ରଜ୍ଞା ତ୍ରିପାଠୀ ଓ ସୁସ୍ମିତା ଦାସଙ୍କ ପ୍ରଯୋଜିତ ଏକ ପରୀକ୍ଷାମୂଳକ ଚଳଚ୍ଚିତ୍ର 'ଯୋଗିନୀ' ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଆଇସିସିଆର ଆନୁକୂଲ୍ୟରେ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ନୂପୁର ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ପଞ୍ଚୁପଲ୍ଲୀ ପ୍ରିମିୟର୍ ଲିଗ୍: ନୂଆଗାଁ ଚାମ୍ପିଅନ

**ଯାଁଳା, ୫।୨(ସମିସ):** ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତର ୬ଷ୍ଠ ପଞ୍ଚୁପଲ୍ଲୀ ପ୍ରିମିୟର୍ ଲିଗ୍ ମ୍ୟାଚରେ ଆଡ୍‌ଭେଞ୍ଚର ନୂଆଗାଁ ଚାମ୍ପିଅନ୍ ହୋଇଛି। ନୀଳକଣ୍ଠ କ୍ଲବ୍ ଆନୁକୂଲ୍ୟରେ ପଞ୍ଚୁପଲ୍ଲୀ ଗ୍ରାମ ଖେଳ ପଡ଼ିଆରେ ୬ଟି ଟିମ୍‌କୁ ନେଇ ୮ଦିନ ଧରି ଚାଲିଥିବା ଖେଳର ଆଜି ଥିଲା ଉଦ୍‌ଯାପନୀ ଦିବସ। ଶେଷ ଦିନର ଖେଳ ଟାଇଟନ୍ ଥଣ୍ଡର ତୃତୀୟାପଡ଼ା ଓ ଆଡଭେଞ୍ଚର ନୂଆଗାଁ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଟାଇଟନ୍ ଥଣ୍ଡର ୧୨ ଓଭରରେ ୭ ଉଇକେଟ୍ ହରାଇ ୮୫ ରନ୍ କରିଥିଲା। ଜବାବରେ ଆଡ୍‌ଭେଞ୍ଚର୍ ନୂଆଗାଁ ୧୦.୫ ଓଭର୍‌ରେ ୨ ଉଇକେଟ୍ ବିନିମୟରେ ବିଜୟ ହାସଲ କରି ଏ ବର୍ଷର ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲା। ରମାକାନ୍ତ ନାୟକ(ନୂଆଗାଁ) ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ମ୍ୟାନ୍ ଅଫ ଦି ସିରିଜ ଚିନ୍ମୟ ଭାରିମଲ(ପଞ୍ଚୁପଲ୍ଲୀ), ବେଷ୍ଟ ବ୍ୟାଟସ୍ ମ୍ୟାନ୍ ଭାବେ ସତ୍ୟ ରଞ୍ଜନ ଜେନା(ନୂଆଗାଁ) ଓ ବେଷ୍ଟ ବୋଲର୍ ଭାବେ ସରୋଜ ରାଉତରାୟ(ବ୍ରହ୍ମକୁଣ୍ଡଳ)ଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ସିଲୁ ଓ ପଦ୍ମ ଲୋଚନ। ସେହିପରି ଉଦ୍‌ଯାପନୀ ଦିବସରେ ବିଭୂତି ଭୂଷଣ ବଳବନ୍ତରାୟ, ସନ୍ତୋଷ କୁମାର ଜେନା, ଦୀପକ କୁମାର ଜେନା ଓ ଗୌତମ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ।

## ବିଏମ୍‌ସି ବାଣ୍ଟିଲା ୧୬କୋଟିର 'ମୁକ୍ତା' କାର୍ଯ୍ୟାଦେଶ



**ଭୁବନେଶ୍ୱର, ୫।୨(ସମିସ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା) ଅଧୀନରେ ୧୬କୋଟି ୫୮ ଲକ୍ଷ ଟଙ୍କାର ୧୪୩ଟି କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୩୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି କାର୍ଯ୍ୟାଦେଶ ପାଇଛନ୍ତି। ସହରର ବିଭିନ୍ନ ଭିତ୍ତିଭୂମି, ସୌନ୍ଦର୍ଯ୍ୟକରଣ ଏବଂ ପରିବେଶ ଉପଯୋଗୀ ବିକାଶ କାର୍ଯ୍ୟ ଏହି ସବୁ ପ୍ରକଳ୍ପ ମାଧ୍ୟମରେ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଯୋଜନାର ରୂପାୟନ ଯାଏଁ ସକ୍ରିୟ ଭାଗିଦାର ରହି କାମ କରିବେ। ଏହି କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, କମିସନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରୀତିନନ୍ଦା ରାଉତରାୟ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ, ପ୍ରେମାନନ୍ଦ ଜେନା, ସିଟି ଇଂଜିନିୟର ବିଳାସ ବେହେରା, ଡେପୁଟି କମିସନର ମୁକ୍ତା ଡଃ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ କି ଏହି ଆର୍ଥିକ ବର୍ଷ ୨୦୨୩-୨୪ରେ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ୪୧୫ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ୪୨ କୋଟି ୪୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୧୮୩ଟି ପ୍ରକଳ୍ପ ୯ କୋଟି ୯୧ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୧୫୯ସ୍ୱୟଂ ସହାୟକ ଗୋଷ୍ଠୀ ଏଥିନିମନ୍ତେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୧୦୦ଗୋଟି କାର୍ଯ୍ୟ ୬ ଗୋଟି ଟଙ୍କାର ଅଦ୍ୟାବଧି ଚାଲୁ ରହିଛି। ଆରମ୍ଭ ହୋଇଥିବା କାର୍ଯ୍ୟରୁ ୯୦ ଲକ୍ଷ ଟଙ୍କାର ୧୦ଟି କାମ ଶେଷ ହୋଇଅଛି। ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ କେତେକ କାମ ବିଭିନ୍ନ ସ୍ୱୟଂ ସହାୟ ଗୋଷ୍ଠୀଙ୍କୁ ଦିଆଯାଇଥିଲା। ସେମାନେ ଅତି ସୁନ୍ଦର ଭାବେ ଏବଂ ନିର୍ଦ୍ଦିଷ୍ଟ ସମୟରେ ପ୍ରକଳ୍ପ କାମ ଶେଷ କରିଥିବାରୁ ଏବେ ମହିଳାମାନଙ୍କୁ ଏହି ସବୁ କାର୍ଯ୍ୟାଦେଶ ଦିଆଯାଉଛି। କାମ ଠିକ୍‌ଭାବେ କରିବାକୁ କମିସନର ବିଜୟ ଅମୃତା କୁଲାଙ୍ଗେ ପରାମର୍ଶ ଦେଇଛନ୍ତି। ବିଏମ୍‌ସିର ବିକାଶ ଏଣିକି ମାଆମାନଙ୍କ ହାତରେ। ମୁଖ୍ୟମନ୍ତ୍ରୀ ମାଆମାନଙ୍କୁ ସଶକ୍ତ କରିବା ପାଇଁ ଏହି ସବୁ କାର୍ଯ୍ୟାଦେଶ ଦେଉଛନ୍ତି। ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିବା ପ୍ରକଳ୍ପ କାମ ମିଶନଶକ୍ତି ଜରିଆରେ କରାଯିବ। ଏହାଦ୍ୱାରା ମହିଳାମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହୋଇପାରିବେ। ତେବେ କାମର ଗୁଣାତ୍ମକ ମାନ ରକ୍ଷା କରି ସଠିକ ଭାବେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପରାମର୍ଶ ଦେଇଛନ୍ତି ମେୟର ସୁଲୋଚନା ଦାସ। ମୁଖ୍ୟମନ୍ତ୍ରୀଙ୍କର ଏହି ବିକାଶ ଚିନ୍ତାଧାରାକୁ ଆଗକୁ ଆଗକୁ ନେବାକୁ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଆହ୍ୱାନ ଦେଇଛନ୍ତି।

## ବିରୋଧ ପରେ ଫେରିଗଲେ ଉଚ୍ଛେଦକାରୀ



**ଭୁବନେଶ୍ୱର, ୫।୨(ସମିସ):** ପୂର୍ବରୁ କୌଣସି ସୂଚନା ନ ଦେଇ ବିଏମ୍‌ସି, ବିଡିଏ, ସାଧାରଣ ପ୍ରଶାସନ ବିଭାଗ ଓ ପୁଲିସ୍‌ର ମିଳିତ ଟିମ୍ ଖଣ୍ଡଗିରିରୁ ଆଇଗିଣିଆ ଛକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ବିରୋଧ କରିଛି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ। ସଂଘର ଅଭିଯୋଗ ଅନୁଯାୟୀ ସୋମବାର ହଠାତ୍ ଦୁଇଟି ଡ୍ରୋଜର, ୩୦ରୁ ଅଧିକାରୀ ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ଜିଦ୍ ଧରିଥିଲେ ଯାହାକି କେନ୍ଦ୍ର ସରକାରଙ୍କ ଜାତୀୟ ଉଠାଦୋକାନୀ ଆଇନ୍ ଓ ସମ୍ବିଧାନର ଧାରା ୧୯(୧)(ଛ)କୁ ବିରୋଧ କରୁଅଛି। ଆଇନ୍‌କୁ ନେଇ ସେଠାରେ ଉଠାଦୋକାନୀ ଓ ଉଚ୍ଛେଦକାରୀ ଦଳଙ୍କ ମଧ୍ୟରେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ସଂଘର ଆହୁରି ଅଭିଯୋଗ କରିଛି, ଖଣ୍ଡଗିରି ଜନକଲ୍ୟାଣ ହାଟରେ ଥିବା ୨୦୨ଜଣ ଦୋକାନୀ ଉଚ୍ଛେଦ ବିରୁଦ୍ଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ମାନ୍ୟବର ହାଇକୋର୍ଟ ୨୦୨୪ ଫେବୃଆରୀ ୬ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିବା ବେଳେ ସୋମବାର ହଠାତ ଉଚ୍ଛେଦକାରୀ ଦଳ ଆଇନକୁ ନ ମାନି ଖଣ୍ଡଗିରିରୁ ଜବରଦସ୍ତ ଉଚ୍ଛେଦ କରାଯାଉଛି। ଉଚ୍ଛେଦ ସମୟରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, କର୍ପୋରେଟର ଲିଟୁ ମହାସୁଆର ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦକାରୀଙ୍କ ସହ ଆଲୋଚନା କରିବା ପରେ ଉଚ୍ଛେଦକାରୀ ଦଳ ସେଠାରୁ ଫେରିଯାଇଥିଲେ।

# ଆଦିବାସୀ ମେଳାରେ ୫ କୋଟିର ବେପାର

**ଭୁବନେଶ୍ୱର, ୫।୨(ସମିସ):**

ରାଜ୍ୟସ୍ତରୀୟ ଆଦିବାସୀ ମେଳା ୨୦୨୪ ସୋମବାର ଉଦ୍‌ଯାପିତ ହୋଇଛି। ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଆୟୋଜିତ ଏହି ମେଳାରେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ସେହିପରି ୧୧ଦିନିଆ ମେଳା ବୁଲିଛନ୍ତି ପ୍ରାୟ ୧୦ଲକ୍ଷ ଦର୍ଶକ।

### ● ୧୧ ଦିନରେ ମେଳା ବୁଲିଲେ ୧୦ ଲକ୍ଷ ଦର୍ଶକ

ଚଳିତବର୍ଷ ମେଳାର ବହୁଭାଷୀ ନାଟକ ଉତ୍ସବରେ ସାନ୍ତାଳୀ, ଦେଶିଆ, ହୋ ଓ ମୁଣ୍ଡାରୀ ଭାଷାରେ ନାଟକ ପରିବେଷିତ ହୋଇଥିଲା। ସେହିପରି ୧୦ଟି ଆଦିବାସୀ କୁଡ଼ିଆରେ ୭ଟି ଆଦିମ ଜନଜାତି ବା ପିଭିଟିଜି ଏବଂ ୩ଟି ଅନ୍ୟ ଆଦିବାସୀ ସମ୍ପ୍ରଦାୟର ଗୋଷ୍ଠୀ ରହିଥିଲେ। ରାଜ୍ୟର ସମୁଦାୟ ୬୨ଟି ଜନଜାତି ମଧ୍ୟରୁ ଏଥିରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ୪୦ଟି ଦଳ ଦ୍ୱାରା ଆଦିବାସୀ ସଂସ୍କୃତିର ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା। ତେବେ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି)ର ଉପଦେଷ୍ଟା ପ୍ରଦୀପ ମାଝୀ, ଅନୁସୂଚିତ ଜାତି, ଜନଜାତି ବିକାଶ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପଛୁଆ ବର୍ଗ ବ୍ୟାପାର ଉପଦେଷ୍ଟା ତାହେରା ଖାତୁନ, ଅନ୍ୱେଶା ଓ ଆକାଂକ୍ଷା ଯୋଜନାର ଉପଦେଷ୍ଟା ଏଲିନା ଦାସ, ବିଭାଗର କମିସନର ତଥା ସଚିବ ରୂପା ରୋଶନ ସାହୁ, ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମେମ୍ବର ସେକ୍ରେଟାରୀ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷ ଦିନରେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବା ଏସ୍‌ସିଏସଟିଆରଟିଆଇ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ଜଣ ଛାତ୍ରଛାତ୍ରୀ, ଆଦିବାସୀ ଭାଷାରେ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩୨ ଜଣ ଛାତ୍ରଛାତ୍ରୀ ଏବଂ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲର ୧୦୪ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ୧୪ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ୫୦ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଥିଲା।



### ଶେଷ ଦିନରେ ବୋହି ନେଲେ ଫୁଲ ଝାଡୁ

ଶେଷ ଦିନରେ ମେଳା ପରିସରରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ମେଳା ପରିସରକୁ ଆସୁଥିବା ଅଧିକାଂଶ ଗ୍ରାହକ ଫୁଲ ଝାଡୁ କିଣୁଥିବା ବେଳେ ଶେଷ ଦିନରେ ଝାଡୁ କିଣିବା ପାଇଁ ଷ୍ଟଲ ଗୁଡ଼ିକରେ ମହିଳାଙ୍କ ଲମ୍ବା ଲାଇନ୍ ଲାଗିଥିଲା। ସାଧାରଣତଃ କେନ୍ଦୁଝର, ରାୟଗଡ଼ା, ସୋନପୁର ଆଦି ବିଭିନ୍ନ ଜିଲ୍ଲାରୁ ଆସିଥିବା ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ଖୋଲାଯାଇଥିବା ଷ୍ଟଲରେ ଏହି ଝାଡୁ କିଣିବାକୁ ପ୍ରବଳ ଭିଡ଼ ଜମିଥିଲା। ଏହି ଝାଡୁର ଦାମ୍ ୫୦ଟଙ୍କାରୁ ଆରମ୍ଭ ହୋଇ ୮୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ହାଲୁକା ଓ ପ୍ଲାଷ୍ଟିକ୍ ବେଣ୍ଟ ରହିଥିବା ଝାଡୁ ଗୋଟାକ ୬୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଓଜନିଆ ଝାଡୁ ୭୦ ଟଙ୍କା ରହିଥିଲା। ତେବେ ଶେଷ ଦିନରେ ୫୦ଟଙ୍କାରେ ବିକ୍ରି ହେବା ସହ କେତେକ ଷ୍ଟଲରେ ୧୦୦ଟଙ୍କାରେ ୩ଟି ଲେଖାଏଁ ଝାଡୁ ବିକ୍ରି ହୋଇଥିଲା। ଶେଷ ଦିନରେ ବିଭିନ୍ନ ଷ୍ଟଲରେ ପ୍ରାୟ ୧୫ଶହରୁ ୨ହଜାର ଝାଡୁ ବିକ୍ରି ହୋଇଥିବା ଷ୍ଟଲ ପକ୍ଷରୁ କୁହାଯାଇଛି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୪.୫୭
- ୟୁରୋ ୮୯.୩୩ ● ୟେନ୍ ୦.୫୫

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୧୦୦ (ନୂଆଦିଲ୍ଲୀ)
- ରୁପା : ୭୫,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୭୩୧.୦୦
- ନିଫ୍ଟି ୨୧,୭୭୧.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

# ବମ୍ପର ମୁନାଫା କମାଉଛନ୍ତି ସରକାରୀ ତୈଳ କମ୍ପାନୀ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):**

ଦେଶରେ ତେଲ ଦର ରେକର୍ଡ ସ୍ତର ଛୁଇଁଛି। ଘରୋଇ ବଜାରରେ ଦୀର୍ଘ ଦିନ ହେବ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି। ଏଭଳି ସମୟରେ ରନ୍ଧନ ଗ୍ୟାସ୍ ବା ଏଲ୍‌ପିଜି ସିଲିଣ୍ଡର ଦର ହଜାରେ ଟଙ୍କା ପାଖାପାଖି ରହିବା ଗୃହିଣୀଙ୍କ ଚିନ୍ତା ବଢ଼ାଇଦେଇଛି। ଇନ୍ଧନ ମୂଲ୍ୟକୁ ନେଇ ଯେତେବେଳେ ଖାଉଟିଙ୍କ ଅସନ୍ତୋଷ ଚରମ ସୀମାରେ ଠିକ୍ ସେତିକିବେଳେ ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ବମ୍ପର ମୁନାଫା କମାଇବାରେ ବ୍ୟସ୍ତ। ଗୋଟିଏ ପଟେ ପେଟ୍ରୋଲ ଓ ଡିଜେଲ ଏବଂ ରନ୍ଧନ ଗ୍ୟାସ୍‌ର ଉଚ୍ଚ ଦରକୁ ନେଇ ଗ୍ରାହକମାନେ ଦୀର୍ଘ ଦିନ ହେବ ତ୍ରାହି ତ୍ରାହି ଡାକୁଥିବାବେଳେ ତେଲ କମ୍ପାନୀଗୁଡିକ ଲାଭ କମାଇବାରେ ବ୍ୟସ୍ତ। ଏକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷର ପ୍ରଥମ ତିନି ତ୍ରୈମାସିକ ବା ୯ ମାସରେ ତୈଳ ମାର୍କେଟିଂ କମ୍ପାନୀଗୁଡିକ ୬୯ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ଏହି ସମୟରେ ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ କେବେ କମିବ ପେଟ୍ରୋଲ ଏବଂ ଡିଜେଲ ଦର। ଆଉ କେବେ କମ୍ ହେବ ରନ୍ଧନ ଗ୍ୟାସ୍ କଷ୍ଟ।

ଚଳିତ ଆର୍ଥିକବର୍ଷର ପ୍ରଥମ ୯ ମାସ (ଏପ୍ରିଲ୍-ଡିସେମ୍ବର ୨୦୨୩)ରେ ଭାରତୀୟ ତୈଳ ନିଗମ (ଆଇଓସି), ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲି (ବିପିସିଏଲ୍) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍(ଏଚ୍‌ପିସିଏଲ୍) ମୋଟ ୬୯ ହଜାର କୋଟି ଟଙ୍କାର ଲାଭ କମାଇଛନ୍ତି। ଅପରପକ୍ଷେ ଏହି ତିନୋଟି ଯାକ ତୈଳ କମ୍ପାନୀ ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ତ୍ରୈମାସିକ (ଏପ୍ରିଲ୍-ଜୁନ୍ ଏବଂ ଜୁଲାଇ-ସେପ୍ଟେମ୍ବର)ରେ ରେକର୍ଡ ରୋଜଗାର କରିଥିଲେ। କାରଣ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ରେକର୍ଡ ୭୨ ଡଲାରକୁ ଖସିଆସିଥିଲା। ଯଦିବା ପରବର୍ତ୍ତୀ ତ୍ରୈମାସିକରେ ଅନ୍ତର୍ଜାତୀୟ ମୂବଜାରରେ ତେଲ ଦର ବ୍ୟାରେଲ ପିଛା ୯୦ ଡଲାରକୁ ବୃଦ୍ଧି ପାଇ ୮୦ ଡଲାର ସ୍ତରରେ ରହିଥିଲା, କିନ୍ତୁ, ସାମଗ୍ରିକ ଭାବରେ ତୈଳ କମ୍ପାନୀଗୁଡିକ ଏହି ସମୟରେ ଭଲ ଲାଭ କମାଇଛନ୍ତି। ଏତେ ମାତ୍ରାରେ ଲାଭ ସତ୍ତ୍ୱେ ତୈଳ ମାର୍କେଟିଂ କମ୍ପାନୀଗୁଡିକ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହେଉଥିବା ହ୍ରାସର ଲାଭ ଖାଉଟିଙ୍କୁ ଦେବାକୁ ନାରାଜ। ସେମାନଙ୍କର ଯୁକ୍ତି ହେଉଛି ବର୍ତ୍ତମାନ ବଜାରରେ ତୈଳ ଦର ଅସ୍ଥିର ରହିଛି। ଦୈନିକ ମୂଲ୍ୟ




ସଂଶୋଧନ ବ୍ୟବସ୍ଥାକୁ ଫେରିବା ଏବଂ ଗ୍ରାହକଙ୍କୁ ତେଲ ଦର ହ୍ରାସର ଲାଭ ପ୍ରଦାନ ଦାବିକୁ ତୈଳ କମ୍ପାନୀ ପ୍ରବଳ ବିରୋଧ କରିଛନ୍ତି। କମ୍ପାନୀଗୁଡିକର କହିବା ହେଉଛି ସେମାନଙ୍କର କ୍ଷତି ଏ ଯାଏ ସମ୍ପୂର୍ଣ୍ଣ ରୂପେ ପୁନରୁଦ୍ଧାର ହୋଇପାରିନାହିଁ। ଭାରତର ପ୍ରାୟ ୯୦ ପ୍ରତିଶତ ଇନ୍ଧନ ବଜାରକୁ ନିୟନ୍ତ୍ରଣ କରୁଥିବା ଏହି ତିନୋଟି ତୈଳ କମ୍ପାନୀ ପ୍ରାୟ ଦୁଇ ବର୍ଷ ହୋଇଯିବ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ (ଏଲପିଜି) ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାଁନ୍ତି। ଚଳିତ ଆର୍ଥିକବର୍ଷର ପ୍ରଥମ ୯ ମାସରେ (ଏପ୍ରିଲ୍-ଡିସେମ୍ବର 2023) ଆଇଓସି ୩୪,୭୮୧.୧୫ କୋଟି ଟଙ୍କା ନିଟ୍ ଲାଭ କରିଛି। ତୁଳନାତ୍ମକ ଭାବେ, କମ୍ପାନୀ ୨୦୨୨-୨୩ରେ ୮୨୪୧.୮୨ କୋଟି ଟଙ୍କା ଲାଭ କରିଥିଲା। ଆଇଓସିର କହିବାନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ଦେଖାଦେଇଥିବା ତୈଳ ସଙ୍କଟ ଦ୍ୱାରା କମ୍ପାନୀ ପ୍ରଭାବିତ ହୋଇଛି। ୯ମାସ ପାଇଁ ରୋଜଗାର ମଧ୍ୟ ସଙ୍କଟ ପୂର୍ବ ବର୍ଷ ତୁଳନାରେ ଅଧିକ। ୨୦୨୧-୨୨ରେ କମ୍ପାନୀର ନିଟ୍ ଲାଭ ୨୩,୧୮୪ କୋଟି ଏବଂ ୨୦୨୦-୨୧ ରେ ୨୧,୮୩୬ କୋଟି ଟଙ୍କା ରହିଥିଲା। ସେହିପରି ବିପିସିଏଲ ଚଳିତ ଆର୍ଥିକବର୍ଷର ୯ ମାସ ମଧ୍ୟରେ ୨୨,୪୪୯.୩୨ କୋଟି ଟଙ୍କା ଲାଭ କରିଛି, ଯେତେବେଳେ କି ଗତ ଆର୍ଥିକବର୍ଷର ସମାନ ଅବଧିରେ କମ୍ପାନୀ ୪୬୦୬.୬୪ କୋଟି ଟଙ୍କା କ୍ଷତି ସହିଥିଲା। ଏହି ଲାଭ ୨୦୨୨-୨୩ରେ ୧୮୭୦.୧୦ କୋଟି ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ୮୭୮୮.୭୩ କୋଟି ଟଙ୍କା ରୋଜଗାରଠାରୁ ଅଧିକ।

ଅପରପକ୍ଷେ ବଜାର ବିଶେଷଜ୍ଞମାନେ କରିଥିବା ଆକଳନ ଅନୁଯାୟୀ, ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ପାଇବ। ଏହା ସମ୍ଭବ ଯେ ଆର୍ଥିକବର୍ଷ ଶେଷ ହେବା ଅର୍ଥାତ୍ ଏପ୍ରିଲ ମାସରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ମୂଲ୍ୟ ହ୍ରାସ ଆରମ୍ଭ ହେବ। ବିଶେଷଜ୍ଞଙ୍କ ଅନୁଯାୟୀ ଚଳିତ ଆର୍ଥିକବର୍ଷ ଶେଷ ହେବା ପରେ ଏହି ତିନୋଟି କମ୍ପାନୀର ଲାଭ ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିପାରିବ। ଯାହା ପରେ ପେଟ୍ରୋଲିୟମ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ କରିବାକୁ ବିଚାର କରିପାରନ୍ତି।

**୯ ମାସରେ ରୋଜଗାର କଲେଣି ୬୯ ହଜାର କୋଟି**

**ଅନ୍ତର୍ଜାତୀୟ ସ୍ତରରେ ଆଧା ହୋଇଗଲାଣି ଅଶୋଧିତ ତୈଳ ଦର**

**ଘରୋଇ ବଜାରରେ କମୁନି ପେଟ୍ରୋଲ, ଡିଜେଲ ମୂଲ୍ୟ**

**ଗୃହିଣୀଙ୍କ ପାଇଁ ଅସହ୍ୟ ହେଲାଣି ରନ୍ଧନ ଗ୍ୟାସ୍‌ର ଉଚ୍ଚ ଦର**

## ଚାନ୍ଦି ଭଣ୍ଡାର ପକ୍ଷରୁ 'ଭିନସ୍' କଲେକ୍ସନ




ଭୁବନେଶ୍ୱର, ୫।୨(ସିମସ): ପ୍ରେମ ଏବଂ ଉପହାରର ମାସ ହେଉଛି ଫେବୃଆରୀ, ଯାହା ରୋମାନ୍ସ ଏବଂ ସଂଯୋଗର ଭାବକୁ ବହନ କରେ। ଏହି ବିଶେଷ ସମୟରେ ରୁପା ଗହଣାର ଏକ୍ସକ୍ଲୁଶିଭ୍ ଷ୍ଟୋର ଚାନ୍ଦି ଭଣ୍ଡାର ଏହାର ଗ୍ରାହକମାନଙ୍କ ଲାଗି ଆଣିଦେଇଛି 'ଭିନସ୍' କଲେକ୍ସନ। ପ୍ରେମର ଗ୍ରହ 'ଶୁକ୍ର' ଦ୍ୱାରା ଅନୁପ୍ରାଣିତ ଏହି ଗହଣା କଲେକ୍ସନ ଏକ ଭାବନାତ୍ମକ ହୃଦୟ , ଯାହାକି ଆମକୁ ଆମ ପ୍ରିୟଜନ, ପରିବାର ଏବଂ ପ୍ରିୟ ବନ୍ଧୁମାନଙ୍କ ସହ ଯୋଡ଼ିଥାଏ। ଫ୍ୟାସନକୁ ବହୁଗୁଣିତ କରିବା ପାଇଁ ଏହି କଲେକ୍ସନରେ ଲେୟର୍ଡ ନେକ୍‌ଲେସ୍ ଅଛି। କ୍ଲାସିକ୍ ଚାର୍ମ ଲାଗି ମୋତି ସହ ଜିକନ୍ ଗହଣା ରହିଛି। ହାର୍ଟ ଏବଂ ଇନ୍‌ଫିନିଟି ଆକାର ଏକ ଉଷ୍ମ ସ୍ପର୍ଶ ଯୋଡୁଛି। ଏହି କଲେକ୍ସନରେ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଅତ୍ୟନ୍ତ ଷ୍ଟାଇଲିସ୍ ଗହଣା ରହିଛି। ଏଥିରେ ବ୍ୟାପକ ରେଞ୍ଜ୍ ନେକ୍‌ପିସ୍, ବ୍ରେସ୍‌ଲେଟ୍, କାନଫୁଲ ଏବଂ ମୁଦି ଆଦି ରହିଛି। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ରୋମାନ୍ସ ଏବଂ ସଂଯୋଗ ସହ ସମକକ୍ଷ ଫେବୃଆରୀ 'ଭିନସ୍' କଲେକ୍ସନ ପାଇଁ ଏକ ପୃଷ୍ଠଭୂମି ଭାବେ କାର୍ଯ୍ୟ କରେ। ସମ୍ପ୍ରସାରଣ ଯୋଜନାକୁ ଆଗେଇ ନେଇ ଚାନ୍ଦି ଭଣ୍ଡାର କଟକରେ ଏକ ନୂଆ ଷ୍ଟୋର ଘୋଷଣା କରିଛି। ପ୍ରେମ ଋତୁର ଆନନ୍ଦକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଏକ୍ସକ୍ଲୁଶିଭ୍ ଅଫର ଆଣିଛି। ଏହା ଅନ୍ତର୍ଗତ ଗ୍ରାହକ ୯୨.୫ ଷ୍ଟର୍ଲିଂ ଗହଣା କ୍ରୟରେ ଗହଣାର ମୋଟ ମୂଲ୍ୟ ଉପରେ ୧୦% ପର୍ଯ୍ୟନ୍ତ ରିଆତି ପାଇବେ। ଏହି ଅଫର ୨୦୨୪ ଫେବୃଆରୀ ୮ରୁ ୧୪ ଯାଏ ଉପଲବ୍ଧ।

## ଜମା ଅଭିବୃଦ୍ଧିରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶୀର୍ଷରେ

**ଭୁବନେଶ୍ୱର,୫।୨(ସିମସ):** ଜମା ଅଭିବୃଦ୍ଧି କ୍ଷେତ୍ରରେ ତୃତୀୟ ତ୍ରୈମାସିକରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ବିବେଚିତ ହୋଇଛି। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଜମା କ୍ଷେତ୍ରରେ ଶତକଡା ୧୭.୮୯ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ତୃତୀୟ ତ୍ରୈୟମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ସବୁଠାରୁ ଶୀର୍ଷ ସ୍ଥାନ ହାସଲ କରିପାରିଛି। ଚଳନ୍ତି ଖାତା



ଏବଂ ସଞ୍ଚୟ ଖାତା (କାସା) ଜମା କ୍ଷେତ୍ରରେ ଶତକଡା ୫୦.୧୯ ପ୍ରତିଶତ ହାରରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶୀର୍ଷ ସ୍ଥାନ ବଜାୟ ରଖିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ଶତକଡା୨.୦୪ ପ୍ରତିଶତ ରହିଥିବା ବେଳେ ନେଟ୍ ଏନ୍‌ପିଏ ଶତକଡା ୦.୨୨ ପ୍ରତିଶତ ରହିଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ଶତକଡା ୧୬.୮୫ ପ୍ରତିଶତ ରହିଥିଲା।

### ପାନ୍-ଆଧାର ଲିଙ୍କ୍ ବିଳମ୍ବିତ

## ଜାନୁୟାରୀ ସୁଦ୍ଧା ଲିଙ୍କ୍ ହୋଇନାହିଁ ୧୧.୪୮ କୋଟି ପାନ୍

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ପ୍ୟାନ୍ କାର୍ଡକୁ ଠିକ୍ ସମୟରେ ଆଧାର ସହ ଯୋଡି ନ ଥିବାରୁ ସରକାର ୬୦୦ କୋଟିରୁ ଅଧିକ ଟଙ୍କାର ଜୋରିମାନା ଆଦାୟ କରିଛନ୍ତି। ସୋମବାର ସଂସଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଜାନୁୟାରୀ ୨୯ ସୁଦ୍ଧା ଦେଶରେ ପ୍ରାୟ ୧୧.୪୮ କୋଟି ପ୍ୟାନ କାର୍ଡ ଆଧାର ନମ୍ବରର ସଂଯୋଗୀକରଣ କରାଯାଇନାହିଁ।

ସୋମବାର ଲୋକସଭାରେ ରାଜ୍ୟ ଅର୍ଥମନ୍ତ୍ରୀ ପଙ୍କଜ ଚୌଧୁରୀ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ୨୦୨୩ ଜୁଲାଇ ପହିଲାରୁ ଚଳିତବର୍ଷ ଜାନୁୟାରୀ ୩୧ ପର୍ଯ୍ୟନ୍ତ କେନ୍ଦ୍ର ସରକାର ପାନ୍-ଆଧାର ଲିଙ୍କ୍ ବିଳମ୍ବିତ ହୋଇଥିବା କାରଣରୁ ମୋଟ ୬୦୧.୬୭ କୋଟି ଟଙ୍କାର ଜରିମାନା ଆଦାୟ କରିଛନ୍ତି। ସେହିମାନଙ୍କଠାରୁ ଏହି ଜୋରିମାନା ଆଦାୟ କରାଯାଇଛି, ଯେଉଁମାନେ ଜୁନ୍ ୩୦ ସମୟସୀମା ସୁଦ୍ଧା ଆଧାର ସହିତ ଲିଙ୍କ୍ କରିନାହାଁନ୍ତି। ଆୟକର ବିଭାଗର ଘୋଷଣା ଅନୁଯାୟୀ, ଯେଉଁ ଟିକସଦାତାଙ୍କମାନେ ପ୍ୟାନ ଆଧାର ଲୀଙ୍କ କରିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ କୌ ଣସି ରିଫଣ୍ଡ ପ୍ରଦାନ କରାଯିବନାହିଁ ଏବଂ ଟିଡିଏସ୍ ଏବଂ ଟିସିଏସ୍‌ର ଅଧିକ ହାର ଲାଗୁ କରାଯିବ।




**ସରକାର ନେଇଛନ୍ତି ୬୦୦ କୋଟି ଜୋରିମାନା**

● ପାରାଦୀପ ବନ୍ଦରର ଆଉ ଏକ ରେକର୍ଡ

## ଦିନକରେ ୭୯ଟି ରେକ୍ ପଣ୍ୟ କାରବାର

**ପାରାଦୀପ, ୫।୨ (ସମିସ):** ଗୋଟିଏ ଦିନରେ ୭୯ଟି ରେକ୍ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି ପାରାଦୀପ ବନ୍ଦର। ଚଳିତମାସ ୪ରେ ପାରାଦୀପ ବନ୍ଦର ୭୯ଟି ରେକ୍ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ଏହା ଗୋଟିଏ ଦିନରେ ସର୍ବାଧିକ ରେକ୍ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାରେ କୁହାଯାଇଛି। ୨୮ ଗୋଟି ରେକ୍ ବନ୍ଦର ମଧ୍ୟରୁ ଯାଇଥିବାବେଳେ ୫୧ଟି ରେକ୍ ବନ୍ଦର ମଧ୍ୟକୁ ଆସିଥିଲା। ଗତ ବର୍ଷ ଫେବୃୟାରୀ ମାସ ୧୮ ତାରିଖରେ ସର୍ବାଧିକ ୭୫ଟି ରେକ୍ର ପଣ୍ୟ କାରବାର ହୋଇଥିଲା। ଚଳିତବର୍ଷ ଏହି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ସୃଷ୍ଟି ହୋଇଥିବା ସୂଚନା ମିଳିଛି। ଏହି ସଫଳତା ପରେ ଅଧ୍ୟକ୍ଷ ପି.ଏଲ୍.ହରନାଦ୍ ପାରାଦୀପ ବନ୍ଦର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ହାସଲ ପଛରେ ଅଂଶୀଦାରମାନଙ୍କୁ ଅଧ୍ୟକ୍ଷ ଶ୍ରୀ ହରନାଦ୍ ଶୁଭେଚ୍ଛା ଜଣାଇଛନ୍ତି।

■ ବ୍ରାଣ୍ଡ ଗାର୍ଡିଆନସିପ୍ ଇଣ୍ଡେକ୍ସ ୨୦୨୪

## ମୁକେଶ ଅମ୍ବାନୀ ବିଶ୍ୱର ଦ୍ୱିତୀୟ କ୍ଷମତାଶାଳୀ ସିଇଓ

**ମୁମ୍ବଇ, ୫।୨(ଏଜେନ୍ସି):** ବ୍ରାଣ୍ଡ ଫାଇନାନ୍ସ ଦ୍ୱାରା ସଂକଳିତ ବ୍ରାଣ୍ଡ ଗାର୍ଡିଆନସିପ୍ ଇଣ୍ଡେକ୍ସ ୨୦୨୪ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସମସ୍ତ ଭାରତୀୟଙ୍କ ମଧ୍ୟରେ ପ୍ରଥମ ଏବଂ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅର୍ଥାତ୍ ମୁକେଶ ବନିଛନ୍ତି ବିଶ୍ୱର ଦ୍ୱିତୀୟ କ୍ଷମତାଶାଳୀ ସିଇଓ। ସେ ମାଇକ୍ରୋସଫ୍ଟର ସତ୍ୟ ନାଡେଲା, ଗୁଗଲର ସୁନ୍ଦର ପିଚାଇ, ଆପଲ୍‌ର ଟିମ୍ କୁକ୍ ଏବଂ ଟେସ୍‌ଲାର ଏଲନ୍ ମସ୍କଙ୍କୁ ଅତିକ୍ରମ କରି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଟେନ୍ସେଣ୍ଟର ହୁଆଟେଙ୍ଗ ମା ପ୍ରଥମ ସ୍ଥାନରେ ରହିଛନ୍ତି। ବ୍ରାଣ୍ଡ ଫାଇନାନ୍ସ ଅନୁଯାୟୀ ବ୍ରାଣ୍ଡ ଗାର୍ଡିଆନସିପ୍ ଇଣ୍ଡେକ୍ସ ହେଉଛି ସିଇଓମାନଙ୍କର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି, ଯେଉଁମାନେ ସମସ୍ତ ହିତାଧିକାରୀ କର୍ମଚାରୀ, ନିବେଶକ ଏବଂ ବ୍ୟାପକ ସମାଜର ଆବଶ୍ୟକତାକୁ ସନ୍ତୁଳିତ କରି ଦୀର୍ଘସ୍ଥାୟୀ ଭାବରେ ବ୍ୟବସାୟ ଗଢୁଛନ୍ତି। ଟାଟା ସନ୍ସ ଚେୟାରମ୍ୟାନ୍ ଏନ୍ ଚନ୍ଦ୍ରଶେଖରନ୍ ଏହି ର୍‌ୟାଙ୍କିଙ୍ଗରେ ୫ ନମ୍ବର ସ୍ଥାନରେ ରହିଥିବାବେଳେ ମହିନ୍ଦ୍ରା ଏବଂ ମହିନ୍ଦ୍ରାର ଅନିଶ ଶାହା ଷଷ୍ଠ ଓ ଇନଫୋସିସ୍‌ର ସଲିଲ ପାରେଖ ୧୬ ନମ୍ବର ସ୍ଥାନରେ ଅଛନ୍ତି। ୨୦୨୩ ର୍‌ୟାଙ୍କିଙ୍ଗରେ ମଧ୍ୟ ମୁକେଶ ଅମ୍ବାନୀ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ସ୍ଥାନିତ ହୋଇଥିଲେ। ଚଳିତବର୍ଷ ସେ ଡାଇଭର୍ସିଫାଏଡ୍ କନଗ୍ଲୋମରେଟ୍ସ ମଧ୍ୟରେ ବ୍ରାଣ୍ଡ ଗାର୍ଡିଆନସିପ୍ ଇଣ୍ଡେକ୍ସ ୨୦୨୪ ରେ ଏକ ନମ୍ବର ସ୍ଥାନରେ ସ୍ଥାନିତ ହୋଇଛନ୍ତି। ଏହି ବର୍ଷର ବିଶ୍ଳେଷଣରୁ ଜଣାପଡିଛି ଯେ ସିଇଓ ମାନଙ୍କ ପ୍ରତିଷ୍ଠା ନିର୍ଣ୍ଣୟ କରିବାରେ ଇଏସଜି ଏକକ ଗୁରୁତ୍ୱପୂର୍ଣ୍ଣ ଡ୍ରାଇଭିଙ୍ଗ୍ ଫୋର୍ସ ହୋଇପାରିଛି। ବ୍ରାଣ୍ଡ ଗାର୍ଡିଆନସିପ୍ ଇଣ୍ଡେକ୍ସ ସେହି ସିଇଓମାନଙ୍କୁ ସମ୍ମାନୀତ କରେ ଯେଉଁମାନେ ବ୍ୟବସାୟିକ ସଫଳତା, ଦୀର୍ଘକାଳୀନ ବ୍ରାଣ୍ଡ ନିର୍ମାଣ ଏବଂ ବ୍ୟକ୍ତିଗତ ପ୍ରତିଷ୍ଠା ପରିଚାଳନା ଆବଶ୍ୟକତାକୁ ସନ୍ତୁଳିତ ରଖିଥାନ୍ତି।

## ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲରେ ବିଶ୍ୱ କର୍କଟ ଦିବସ

କଟକ,୫।୨(ସମିସ): କଟକ ତେଲେଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ୍ ପରିସରରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ 'ଦ ପାୱାର ଅଫ ଗୁଡ ୱିସେସ୍' ନାମକ ସଚେତନା କାର୍ଯ୍ୟକ୍ରମ କରାଯାଇଥିଲା। କିପରି ଏକ ସକରାତ୍ମକ ଶୁଭେଚ୍ଛା କର୍କଟ ରୋଗୀଙ୍କ ମନୋବଳକୁ ବଢ଼ାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡା କର୍କଟ ରୋଗ ଏବଂ ଏହାର ଲକ୍ଷଣ ବିଷୟରେ ଆଲାଚନା କରିଥିଲେ। ସେହିପରି ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, ଶୁଭାଷିନୀ ଲେଙ୍କା, ନଗେନ ମିଶ୍ର, ହସ୍ପିଟାଲ୍ ପକ୍ଷରୁ ଡା. ରଣଜିତ କର, ଶାନ୍ତନୁ ଦାସ, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ସୁବ୍ରାହମ୍ ପାଣିଙ୍କ ସମେତ ଅନ୍ୟାନ୍ୟ ଡାକ୍ତର, ହସ୍ପିଟାଲ୍ ଷ୍ଟାଫ୍ ଏହି କାର୍ଯ୍ୟକ୍ରମରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ହସ୍ପିଟାଲରେ ପ୍ରତ୍ୟେକ ବର୍ଷ ଏହି କାର୍ଯ୍ୟକ୍ରମ ପାଳନ କରାଯାଇ କର୍କଟ ରୋଗ ସମ୍ପର୍କରେ ସଚେତନତା କରାଯାଇଥାଏ। ଯେଉଁମାନେ କର୍କଟ ଭଳି ମାରାତ୍ମକ ରୋଗ ବିରୋଧରେ ପ୍ରତି ମୁହୂର୍ତ୍ତରେ ମାନସିକ ଏବଂ ଶାରୀରିକ ସଂଘର୍ଷ ଦେଇ ଗତି କରନ୍ତି ଓ ଏହି ଦିନ ଏହି ରୋଗ ବିରୋଧରେ ସଂଗ୍ରାମ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ରୋଗୀଙ୍କୁ ସକରାତ୍ମକ ରହିବାକୁ ଉତ୍ସାହିତ କରିଥାଏ।




# ପେଟିଏମ୍ ଅଧିଗ୍ରହଣ କରିବେ ମୁକେଶ ଅମ୍ବାନୀ!

**ନୂଆଦିଲ୍ଲୀ,୫।୨(ଏଜେନ୍ସି):**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ପେଟିଏମ୍ ବ୍ୟାଙ୍କ ଉପରେ ପ୍ରତିବନ୍ଧକ ଲଗାଯିବା ପରେ କମ୍ପାନୀର ସହଯୋଗୀ କମ୍ପାନୀ ୱାନ୍୯୭ କମ୍ୟୁନିକେସନ ଉପରେ ଧୀରେ ଧୀରେ ସଙ୍କଟ ବଢିବାରେ ଲାଗିଛି। ଅପରପକ୍ଷେ କମ୍ପାନୀର ଶେୟାର ମୂଲ୍ୟ ଲଗାତାର ତୃତୀୟ କାରବାର ଦିବସ ପାଇଁ ଲୋୟର ସର୍କିଟ୍ ଛୁଇଁଛି। ପେଟିଏମ୍ ଶେୟାର ମୂଲ୍ୟ ମାତ୍ର ୩ ଦିନରେ ୫୦% ହ୍ରାସ ଘଟିଲାଣି। ଏବେ ପେଟିଏମ୍ ବ୍ୟାଙ୍କର ଲାଇସେନ୍ସ ଉପରେ ମଧ୍ୟ ସଙ୍କଟର କଳା ବାଦଲ ଘୋଟି ରହିଛି।

ଏହା ମଧ୍ୟରେ ଏକ ଖବର ସାମନାକୁ ଆସୁଛି ଯେ ୱାନ୍୯୭ କମ୍ୟୁନିକେସନ୍ ଅର୍ଥାତ୍ ପେଟିଏମ୍ ନିଜର ୱାଲେଟ୍ କାରବାରକୁ ବିକ୍ରି କରିବା ପାଇଁ ମୁକେଶ ଅମ୍ବାନୀଙ୍କ ସହ ଆଲୋଚନା ଚଳାଇଛି। ରିପୋର୍ଟ ଅନୁସାରେ କେବଳ ମୁକେଶ ଅମ୍ବାନୀଙ୍କ କମ୍ପାନି ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ନୁହେଁ ଏଚ୍‌ଡିଏଫସି ବ୍ୟାଙ୍କ ସହ ମଧ୍ୟ ଏ ନେଇ କଥାବାର୍ତ୍ତା ଜାରି ରହିଛି। ଏହି ଖବର ପରେ ସୋମବାର ବିଏସଇରେ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ର ଶେୟାର ୧୪ ପ୍ରତିଶତ ବୃଦ୍ଧି ପାଇ ୨୮୯.୭୦ ଟଙ୍କାର ଅପର ସର୍କିଟ୍ ଛୁଇଁଛି।

ରିପୋର୍ଟ ଅନୁଯାୟୀ, ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା ଏବଂ ତାଙ୍କ ଟିମ୍ ଗତ ବର୍ଷ ନଭେମ୍ବର ମାସରୁ ଜିଓ ଫାଇନାନ୍ସିଆଲ୍ ସହ କଥାବର୍ତ୍ତା ଆରମ୍ଭ କରିଥିଲେ। ସେହିପରି ଏଚ୍‌ଡିଏଫସି ବ୍ୟାଙ୍କ ସହ କଥାବର୍ତ୍ତା ପେଟିଏମ ପେରେଣ୍ଟ ବ୍ୟାଙ୍କ ଉପରେ ଆକ୍ସନର ଠିକ୍ ପୂର୍ବରୁ ଆରମ୍ଭ ହୋଇଥିଲା। ସମ୍ଭବତଃ ଜିଓ ଫାଇନାନ୍ସିଆଲ୍ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦେଇପାରେ।

**ଜିଓଫାଇନାନ୍ସିଆଲର ଶେୟାର ୧୪% ବଢ଼ିଲା**

**ତିନି ଦିନରେ ୫୦% ଖସିଲାଣି ପେଟିଏମ୍ ଶେୟାର**




### କେନ୍ଦ୍ରଠାରୁ ଉଚିତ୍ ଅନୁଦାନ ଦାବି

## କର୍ଣ୍ଣାଟକ ଗଠନ କରିବ 'ଦକ୍ଷିଣ ଭାରତୀୟ ରାଜ୍ୟ ଅର୍ଥନୈତିକ ମେଣ୍ଟ'

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** କେନ୍ଦ୍ର ସରକାରଙ୍କଠାରୁ ଉଚିତ ଅନୁଦାନ ପାଇବାକୁ ଗଠନ ହେବ 'ଦକ୍ଷିଣ ଭାରତୀୟ ରାଜ୍ୟ ଅର୍ଥନୈତିକ ମେଣ୍ଟ'(ସାଉଥ୍ ଇଣ୍ଡିଆ ଷ୍ଟେଟ୍ ଇକୋନୋମିକ୍ ଆଲାଏନ୍ସ)। ଏ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏଥିରେ କର୍ଣ୍ଣାଟକ ମଧ୍ୟ ସମାନ ବିଚାରଧାରା ରଖୁଥିବା ଦଳ ସହ ହାତ ମିଳାଇବ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ଅର୍ଥନୀତି ଉପଦେଷ୍ଟା ବାସବରାଜ ରାୟରେଡ୍ଡୀ କହିଛନ୍ତି। ସୋମବାର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ରାୟରେଡ୍ଡି କହିଛନ୍ତି ଯେ ଏହି ଯୋଜନା ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ସେ ଅଭିଯୋଗ କରିଛନ୍ତି ଯେ ଭାରତର ସରକାର ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକୁ ତାଙ୍କର ଉଚିତ ପ୍ରାପ୍ୟ ଦେଉନାହାନ୍ତି। ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକ ତୁଳନାରେ ଦକ୍ଷିଣାଞ୍ଚଳ ରାଜ୍ୟଗୁଡିକୁ କମ୍ ଅନୁଦାନ ମିଳୁଛି। ୧୫ ତମ ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ କର୍ଣ୍ଣାଟକ ଭଳି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କଠାରୁ କମ୍ ଅନୁଦାନ ମିଳୁଛି। ଅନ୍ୟପଟେ ଉତ୍ତର ଭାରତର ରାଜ୍ୟଗୁଡିକ ଅଧିକ ଅନୁଦାନ ପାଉଛନ୍ତି। ତେଣୁ ଏଥିପାଇଁ ଏକ ମେଣ୍ଟ ଗଠନ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି। ଆମେ ଅନ୍ୟ ରାଜ୍ୟମାନଙ୍କ ସହ ଆଲୋଚନା କରିବାକୁ ଚାହୁଁଛୁ। ବର୍ତ୍ତମାନ କିଛି ସ୍ଥିର କରାଯାଇନାହିଁ। ଏହା ପ୍ରାବର୍ତ୍ତମାନ ରମ୍ଭିକ ପର୍ଯ୍ୟାୟରେ ରହିଛି। ସେ ଏହି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବାସବରାଜ କହିଛନ୍ତି।

